# ହାଇକୋର୍ଟ ପରିସରରେ ଆଇନଜୀବୀ ମୁହାଁମୁହିଁ ହେବା ସମୟର ଦୃଶ୍ୟ





ଆହତ ହୋଇଥିବା ଜଣେ ଯୁବକଙ୍କୁ ପୋଲିସ ଘଟଣାସ୍ଥଳରୁ ଉଦ୍ଧାର କରିନେଉଛି।







ଦୁଇ ଆଇନଜୀବୀ ଗୋଷ୍ଠୀ ମୁହାଁମୁହିଁ ହେବା ସମୟରେ ନୀରବଦ୍ରଷ୍ଟା ସାଜିଥିବା ପୋଲିସ।

## ଆଞ୍ଚଳିକ ଖବର

### ସଂକ୍ଷେପରେ

#### ଜମି ହଡ଼ପ ଅଭିଯୋଗ ନ୍ୟାୟ ନ ମିଳିଲେ ଆତ୍ମାହୁତି ଚେତାବନୀ

**ପଦ୍ମପୁର,୨୯।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତ ଶ୍ରୀବସ୍ତପୁର ଗ୍ରାମର ରଷି ଜେନା ତାଙ୍କ ଭୂଦାନ ଜମି ହଡ଼ପ ନେଇ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେ ତହସିଲଦାର, ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଓ ନାୟକାଣିଡିହୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ରଷିଙ୍କ ବାପା କାଙ୍ଗାଳି ଜେନାଙ୍କୁ ୧୯୬୩ ମସିହାରେ ଭୂଦାନ ଆକାରରେ ୧୫୦ ଡିସିମିଲ ଜମି ସରକାରଙ୍କ ତରଫରୁ ମିଳିଥିଲା। ସେବେଠାରୁ ସେ ଜମିରେ ଧାନଚାଷ କରିଆସୁଥିଲେ। କାଙ୍ଗାଳିଙ୍କ ମୃତ୍ୟୁ ପରେ ରଷି ଜମି ଦଖଲ କରୁଥିଲେ। ୨୦୧୪ରେ ଗ୍ରାମର ଜଣେ କ୍ଷମତାଶାଳୀ ବ୍ୟକ୍ତି ଚଞ୍ଚକତା କରି ସେହି ଜମିକୁ ତାଙ୍କ ନାମରେ ରେକର୍ଡଭୁକ୍ତ କରାଇ ନେଇଛନ୍ତି। ଏ ନେଇ ରଷି ବାରମ୍ବାର ସରକାରୀ କାର୍ଯ୍ୟାଳୟକୁ ଦୌଡ଼ି ନୟାନ୍ତ ହେବା ପରେ ମୁଖ୍ୟମନ୍ତ୍ରୀ, ଆଇଜି, ଡିଆଇଜିଙ୍କୁ ଡାକ ଯୋଗେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କୁ ନ୍ୟାୟ ନ ମିଳିଲେ ସେ ମୁଖ୍ୟମନ୍ତ୍ରୀଙ୍କ ବାସଗୃହଠାରେ ପରିବାର ସହ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

#### ସ୍ତ୍ରୀ ମୃତ୍ୟୁ ଘଟଣାରେ ସ୍ୱାମୀ ଗିରଫ

**ରାଇରଙ୍ଗପୁର,୨୯।୧୦(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଦେଉଳି ଗ୍ରାମର ରଘୁନାଥ ମୁର୍ମୁଙ୍କ ୨ୟ ପତ୍ନୀ ସାରଥୀ ମୁର୍ମୁଙ୍କର ଗତ ମାର୍ଚ୍ଚ ୨୮ ତାରିଖରେ ମୃତ୍ୟୁ ହୋଇଥିଲା। ଏହାକୁ ଏକ ଆତ୍ମହତ୍ୟା ମାମଲା ବୋଲି ଦର୍ଶାଇ ପୋଲିସ ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମାତ୍ର ସାରଥୀଙ୍କୁ ତାଙ୍କ ସ୍ୱାମୀ ରଘୁନାଥ ନିର୍ଯାତନ ଦେଉଥିବା ନେଇ ବାପଘର ପକ୍ଷରୁ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ପୋଲିସ ତାଙ୍କ ସ୍ୱାମୀ ରଘୁନାଥଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

## ମିଳୁନି ପ୍ରାପ୍ୟ: ଧାରଣା ଚେତାବନୀ

**ବଡ଼ସାହି,୨୯।୧୦(ସ୍ୱ.ପ୍ର)**

ବଡ଼ସାହି ବ୍ଲକରେ ଗତ ୧୦ତାରିଖରେ ଅନୁଷ୍ଠିତ 'ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଏସଏସଜି ଗ୍ରୁପର ମହିଳାଙ୍କୁ ସାମିଲ କରିବା ପାଇଁ ଦିଆଯାଇ ମିଥ୍ୟା ପ୍ରତିଶ୍ରୁତିକୁ ନେଇ ଅଙ୍ଗନଓ୍ୱାଡି କର୍ମୀମାନେ ଥାନା ଦ୍ୱାରସ୍ଥ ହୋଇଛନ୍ତି। ଏପରି ଠକାମୀ, ପ୍ରତାରଣା ଓ ମାନସିକ ନିର୍ଯାତନାକୁ ନେଇ ବରିଷ୍ଠ କଂଗ୍ରେସ ନେତା ପ୍ରକାଶ କରମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ଅଙ୍ଗନଓ୍ୱାଡି କର୍ମୀ ବଡ଼ସାହି ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗରୁ ଜଣାଯାଏ, ଗତ ୧୦ତାରିଖରେ ଅନୁଷ୍ଠିତ 'ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ'ରେ ନୂତନ ଭାବେ ଗଠିତ ଏସ୍‌ଏସ୍‌ଜି ଗ୍ରୁପର ମହିଳାଙ୍କ ସାମିଲ କରିବାକୁ କୁହାଯାଇଥିଲା। ଏଥିନିମନ୍ତେ ପ୍ରତି ଗ୍ରୁପକୁ ୧୫ହଜାର ଟଙ୍କା ସହ ଖାଇବା ପିଇବା ଖର୍ଚ୍ଚ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଫଳରେ ସମସ୍ତ କର୍ମୀ ନିଜ ଖର୍ଚ୍ଚରେ ଗାଡି ଭଡା କରି ମହିଳା ସଦସ୍ୟାଙ୍କୁ ଏହି କାର୍ଯ୍ୟକ୍ରମରେ



ସିଡିପିଓଙ୍କ ବିରୋଧରେ ଅଙ୍ଗନଓ୍ୱାଡି କର୍ମୀମାନେ ବଡ଼ସାହି ଥାନାରେ ଅଭିଯୋଗ କରୁଛନ୍ତି।

ସାମିଲ କରିଥିଲେ । ମାତ୍ର କାର୍ଯ୍ୟକ୍ରମ ସଫଳ ହେବାର ୧୫ଦିନ ବିତିଯାଇଥିଲେ ମଧ ଅଦ୍ୟାବଧି ଗ୍ରୁପର ସଦସ୍ୟାମାନଙ୍କୁ ଟଙ୍କା ଦିଆଯାଇ ନାହିଁ। ଏ ସମ୍ପର୍କରେ ଅଲ ଓଡିଶା ଅଙ୍ଗନଓ୍ୱାଡି ଲେଡିଜ ୱାକର୍ସ ଆସୋସିଏସନର ବ୍ଲକ ଉପସଭାନେତ୍ରୀ ତଥା ଜିଲା ସମ୍ପାଦିକା ସୁକାନ୍ତି ମଞ୍ଜରୀ ସାହୁ ବଡ଼ସାହି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଭଳି ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଙ୍ଗନଓ୍ୱାଡୀ କର୍ମୀ ସରୋଜିନୀ ମହାପାତ୍ର, ଶାନ୍ତିଲତା ଖଣ୍ଡା,

> ■ମିଥ୍ୟା ପ୍ରତିଶ୍ରୁତି ବିରୋଧରେ ତେଜିଲେ
>
> ■ଥାନାରେ ଅଭିଯୋଗ ଆଣିଲେ ଅଙ୍ଗନଓ୍ୱାଡି କର୍ମୀ

ମଣିମାଳା ମହାନ୍ତ ପ୍ରମୁଖ ଦାବି କରିଛନ୍ତି। ତେବେ ବଡ଼ସାହି ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗରୁ ଦିଆଯାଇଥିବା ଖେଳନା କିଟ୍ କିଣାରେ ଦୁର୍ନୀତି, ଫଲଡର କିଣା ଦୁର୍ନୀତି, ବର୍ଦ୍ଧିତ ଦରମାରୁ ଚାନ୍ଦା ଆଦାୟ କରିବା ଆଦି ବିଭିନ୍ନ ଘଟଣାରେ ଅଙ୍ଗନଓ୍ୱାଡି କର୍ମୀଙ୍କ ଉପରେ ଜୁଲମ ଚାଲିଛି । ଏଥିରେ ପ୍ରତିବାଦ କରୁଥିବା କର୍ମୀଙ୍କୁ ନାଲି ଆଖି ଦେଖାଇ ସ୍ୱଚ୍ଛତା ପ୍ରମାଣ ନିମନ୍ତେ ହୀନ ଯୋଜନା ହେଉଛି। ୧୫ଦିନ ମଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସଂଘ ପକ୍ଷରୁ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସଂଘ ସଭାନେତ୍ରୀ ପଦ୍ମଗନ୍ଧା ଦାସ ପ୍ରକାଶ କରିଛନ୍ତି । ଏସମ୍ପର୍କରେ ବଡ଼ସାହି ଥାନାଧିକାରୀ ଜୟନାରାୟଣ ଖଣ୍ଡେଇ କହନ୍ତି, ଅଙ୍ଗନଓ୍ୱାଡି କର୍ମୀଙ୍କ ଅଭିଯୋଗ ତଦନ୍ତ ସାପେକ୍ଷ ।

## ମତୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ

**ଚାନ୍ଦବାଲି,୨୯।୧୦(ଡି.ଏନ.ଏ.)** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ମତୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ ସ୍ଥାୟୀ ଏମ୍‌ବିବିଏସ୍ ଡାକ୍ତର ନାହାନ୍ତି। ଜଣେ ଆୟୁଷ ଡାକ୍ତର ଅବସ୍ଥାପିତ ହୋଇଥିବାବେଳେ ସେ ବିଭିନ୍ନ ସମୟରେ ଟ୍ରେନିଂରେ ଯାଉଥିବା ଜଣାପଡ଼ିଛି। କାର୍ଯ୍ୟରତ ଫାର୍ମାସିଷ୍ଟ ଏଠାରେ ରୋଗୀଙ୍କ ଚିକିତ୍ସା କରୁଛନ୍ତି। ଫଳରେ ରୋଗୀ ଓ ତାଙ୍କ ସମ୍ପର୍କୀୟ ଘରୋଇ ଚିକିତ୍ସକଙ୍କ ଉପରେ ନିର୍ଭର କରିବା ସହ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ମତୋ, ମଉସୁଧା, ନାଲଗୁଣ୍ଡା, ଜଳେଶ୍ୱରପୁର, ଯଶୀପୁର, ଘଟପୁର, ଖେରଙ୍ଗ, ଉତୁକୁଡା, ଚଡ଼ଦିଆ, ନଳଗୋହିରା ଆଦି ପଞ୍ଚାୟତର ୨୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ଏଠାରେ ଜଣେ ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ଦାବି କରାଯାଇଛି। ମତୋ ପଞ୍ଚାୟତ ଅଫିସ ସମ୍ମୁଖରେ ଅନୁଷ୍ଠିତ ବୈଠକରେ ଆଖପାଖ ପଞ୍ଚାୟତର ଶତାଧିକ ଯୁବକ ଯୋଗଦେଇ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ନେଇ ଆଲୋଚନା କରିଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ମତୋ ଆଞ୍ଚଳିକ ଯୁବ ପରିଷଦ ନାମରେ କମିଟି ଗଠନ କରାଯାଇଥିଲା। ପରେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସରଙ୍କୁ ଭେଟି ସ୍ଥାୟୀ ଡାକ୍ତର ନିଯୁକ୍ତି ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ସଚିବ, ଭଦ୍ରକ ସିଡିଏମ୍‌ଓ ଓ ଜିଲାପାଳଙ୍କୁ ମଧ ଅବଗତ କରାଯିବ ବୋଲି କୁହାଯାଇଥିଲା। ନଭେମ୍ବର ୧୫ ତାରିଖ ମଧରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବୈଠକ ପରେ ସମସ୍ତେ ମତୋ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ବୁଲି ଦେଖିଥିଲେ। ସେଠାରେ ଡାକ୍ତର ଅଭାବ ବ୍ୟତୀତ ଅନ୍ୟ କେତେକ ସମସ୍ୟା ଥିବା ଦେଖିଥିଲେ। ଡାକ୍ତରଖାନାରେ ଜଣେ ପ୍ରସୂତି ଚିକିତ୍ସିତ ହେଉଥିବାବେଳେ ସେଠାରେ ବିଦ୍ୟୁତ୍ କାଟ୍ ସମୟରେ ଆଲୋକ ବ୍ୟବସ୍ଥା ନ ଥିବା ଦେଖିବାକୁ ମିଳିଥିଲା। ସରପଞ୍ଚ ମୁକ୍ତିକାନ୍ତ ସେଠୀ, ଅଭୟ ସାହୁ, ରାଜେଶ ସ୍ୱାଇଁ, ମନୋରଞ୍ଜନ ନାୟକ, ବିକାଶ ବେହେରା, ରାଜେନ୍ଦ୍ର ବେହେରା, ଦିବ୍ୟରଞ୍ଜନ ସ୍ୱାଇଁ, ରଶ୍ମୀକାନ୍ତ ପଣ୍ଡା, ସୁରେନ୍ଦ୍ର ବେହେରା, ପ୍ରଭୁ ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## 'ବିଜେଡି ଓ ଭାଜପା ଗୋଟିଏ ନାଆର ନାଉରୀ'

**ଭଦ୍ରକ ଅଫିସ,୨୯।୧୦**

ଭଦ୍ରକ ପୌରପାଳିକା ଅନ୍ତର୍ଗତ ପୁରୁଣାବଜାର କାଳୀମଣ୍ଡପ ସମ୍ମୁଖରେ କଂଗ୍ରେସର ଏକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ କଂଗ୍ରେସର ମିଡିଆ ସେଲ୍ ଅଧ୍ୟକ୍ଷ ତଥା ଭଦ୍ରକ ଲୋକସଭା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ସତ୍ୟପ୍ରକାଶ ନାୟକ, ଅନ୍ୟତମ ଅତିଥି ଭାବେ ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଆକ୍‌ବର ଅଲୀ ଖାଁ, 'ମୋ ବୁଥ୍ ମୋ ଗୌରବ'ର ଭଦ୍ରକ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ୱାଲିଦ ପଟେଲ ଯୋଗଦେଇଥିଲେ। କାର୍ଯ୍ୟାଳୟକୁ ଉଦ୍‌ଘାଟନ କରି ନାୟକ ତାଙ୍କ ବକ୍ତବ୍ୟରେ ରାଜ୍ୟର ବିଜେଡି ସରକାରକୁ ସମାଲୋଚନା କରିଥିଲେ। ସେ କହିଥିଲେ, ଦୀର୍ଘ ୧୯ ବର୍ଷ ଶାସନରେ ଭଦ୍ରକ ଜିଲାରେ ଯେତିକି ଉନ୍ନତି ହେବା କଥା ବିଜେଡିର ନିର୍ବାଚିତ ପ୍ରତିନିଧିମାନେ ସେତିକି କରିନାହାନ୍ତି। ବିଜେଡି ଓ ଭାଜପା ଉଭୟ ଗୋଟିଏ ନାଆର ନାଉରୀ। ଉଭୟ ଦଳ ଭିତିରି ବୁଝାମଣାରେ ସେମାନଙ୍କ ଯାତ୍ରା ଜାରି ରଖିଛନ୍ତି। ଦେଶ ବର୍ତ୍ତମାନ ଘୋର ସଂକଟ ମଧରେ ଗତି କରୁଛି। ଏଥିଲାଗି ଉଭୟ ବିଜେଡି ଓ ଭାଜପା ଦାୟୀ ବୋଲି ନାୟକଙ୍କ ସମେତ ଅନ୍ୟ ଅତିଥିମାନେ ସମାଲୋଚନା କରିଥିଲେ। ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଅତୀତରେ କଂଗ୍ରେସ ପାଇଁ ପୁରୁଣାବଜାରବାସୀଙ୍କ ଅବଦାନ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଥିବାବେଳେ ଆଗାମୀ ଦିନରେ ମଧ ସେହିଭଳି ସହଯୋଗ ଜାରି ରହିବ ବୋଲି ଆଶାବ୍ୟକ୍ତ କରିଥିଲେ। ଟାଉନ କଂଗ୍ରେସ ସଭାପତି ଅବ୍‌ଦୁଲ୍ ମୁକିତ୍ ଖାଁ ସଂଯୋଜନା କରିଥିଲେ। ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ପିସିସି ସମ୍ପାଦକ ସେକ୍ ଗୋଲାମ ମଇଉଦ୍ଦିନ, ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ନେତା ସୁବ୍ରତ ଦାସ, ପୂର୍ବତନ ପାରିଷଦ ସେକ୍ ସମ୍‌ଦାନୀ, ଅସ୍‌ରଫ ଅଲୀ ଖାଁ, ଅତୁଲ୍ୟ କୁମାର ନାୟକ, ଛାତ୍ରନେତା ବଳରାମ ରାଉତ, ପ୍ରକାଶଜ୍ୟୋତି ମହାକୁଡ, ସେକ୍ ସିରାଜୁଦ୍ଦିନ, ସେକ୍ ବୁଗ୍‌ଦାଦ୍, ଦୀପୁନ ପଣ୍ଡା, ପ୍ରଦୀପ ନାୟକ, ସେକ୍ କଲିମୁଦ୍ଦିନ ପ୍ରମୁଖ ଯୋଗଦେଇଥିଲେ। ସେବାଦଳ ମୁଖ୍ୟ ସେକ୍ ନଇମ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରାକ୍ଟର ଚୋରି ମାମଲା: ଅଭିଯୁକ୍ତ ଗିରଫ

**ରାଇରଙ୍ଗପୁର,୨୯।୧୦(ଡି.ଏନ.ଏ.)**

ଗତ ବର୍ଷ ଜୁଲାଇରେ ପଡୋଶୀ ଝାଡଖଣ୍ଡ ରାଜ୍ୟ ଚାଇଁବସା ନିକଟସ୍ଥ ମଫସିଲ ଥାନା ଅଞ୍ଚଳରୁ ଏକ ଟ୍ରାକ୍ଟର ଚୋରି ଘଟଣା ନେଇ ଅଭିଯୋଗ ହୋଇଥିଲା। ଏହି ମାମଲାରେ ଫେରାର୍ ଅଭିଯୁକ୍ତ ଈଶ୍ୱର ଚନ୍ଦ୍ର ଗିରିକୁ ପୋଲିସ ବହଳଦା ଅଞ୍ଚଳରୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ଉକ୍ତ ମାମଲାରେ ଏହା ପୂର୍ବରୁ ସଂପୃକ୍ତ ୨ ଅପରାଧୀ ବାଦାମ ପାହାଡ ଥାନା ଅନ୍ତର୍ଗତ ଜୟପୁର ଗ୍ରାମର ସମୀର ଗିରି ଏବଂ ଶ୍ରୀକାନ୍ତ ନନ୍ଦଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। କେଶ୍ ନଂ ୫୨/୨୦୧୮।

## ଅଙ୍ଗନଓ୍ୱାଡି, ସ୍ୱାସ୍ଥ୍ୟକେନ୍ଦ୍ର ସାମ୍ନାରେ ଗୃହ ନିର୍ମାଣକୁ ବିରୋଧ

### ତଦନ୍ତ କଲେ ବିଡିଓ

**ତିହିଡ଼ି,୨୯।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ମହରମପୁର ପଞ୍ଚାୟତ ମହରମପୁର ଗ୍ରାମରେ ଥିବା ଅଙ୍ଗନଓ୍ୱାଡି ଓ ଉପ ସ୍ୱାସ୍ଥ୍ୟକେନ୍ଦ୍ର ସାମ୍ନାରେ ମହିଳା ମହାସଂଘ ପକ୍ଷରୁ ଗୃହ ନିର୍ମାଣ ଉଦ୍ୟମକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଗ୍ରାମବାସୀ ଏ ସମ୍ପର୍କରେ ବିଡିଓ ଏବଂ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ। ତଦନୁଯାୟୀ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଏବଂ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଉକ୍ତ ଗ୍ରାମକୁ ଯାଇ ଏହାର ତଦନ୍ତ କରିଛନ୍ତି। ମହିଳା ମହାସଂଘ ଗୃହ ଅନ୍ୟତ୍ର କରାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ଗ୍ରାମବାସୀଙ୍କୁ କହିଥିଲେ। ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଥିଲେ ଯେ, ସେଠାରେ ମହାସଂଘ ଗୃହ ନିର୍ମାଣ ହେଲେ ଅଙ୍ଗନଓ୍ୱାଡି କେନ୍ଦ୍ର ଓ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଆଡୁଆଳରେ ରହିଯିବ। ଏପରି କି ସେହି ସ୍ଥାନକୁ ଯିବା ପାଇଁ ଗମନାଗମନ ଲାଗି ରାସ୍ତା ମଧ ରହିବ ନାହିଁ। ସେଠାକୁ ଆସୁଥିବା ଯାନବାହନ ପାର୍କିଂ ପାଇଁ ଜାଗା ସମସ୍ୟା ସୃଷ୍ଟି ହେବ। ବିଶେଷକରି ଉକ୍ତ ସ୍ଥାନକୁ ଲାଗି ବସବାସ କରୁଥିବା ଦଳିତ ଶ୍ରେଣୀର ଲୋକଙ୍କ ଚଳପ୍ରଚଳରେ ବାଧା ଉପୁଯିବା ଆଶଙ୍କା ରହିଛି। ଏହି ପରିପ୍ରେକ୍ଷୀରେ ଗ୍ରାମର ବୁଦ୍ଧିରାମ ଜେନା, ମନୋଜ କୁମାର ଜେନା, ସୁଦାମ ଜେନା, ରମେଶ ଜେନା, ଦାମୋଦର ଜେନା, ଜଗବନ୍ଧୁ ବାରିକ, ଅନ୍ନପୂର୍ଣ୍ଣା ରାଉତ, ଅମରନାଥ ନାୟକ, ଅଜୟ ଜେନା, ଶଙ୍କର୍ଷଣ ଜେନା ପ୍ରମୁଖ ତହସିଲଦାର ଓ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ନବବିବାହିତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର
### ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

**ଚାନ୍ଦବାଲି,୨୯।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ନୂଆଗାଁ ହଟପୁର ଗାଁରେ ଜଣେ ନବବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ରବିବାର ଅପରାହ୍ନରେ ଉଦ୍ଧାର କରାଯାଇଛି। ଶାଶୁଘର ଲୋକେ ଏହା ଆତ୍ମହତ୍ୟା ବୋଲି କହୁଥିବାବେଳେ ବାପଘର ଲୋକେ ସୋମବାର ହତ୍ୟା ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତଦନ୍ତ ପରେ ବ୍ୟବଚ୍ଛେଦ କରାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୮/୧୮) ରୁଜୁ କରାଯାଇ ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ଖେରଙ୍ଗ ପଞ୍ଚାୟତ ଶାଶୁଭୁଆଶୁଣି ଗାଁର ଅନିରୁଦ୍ଧ ନାୟକଙ୍କ ଝିଅ ଝରଣା ନୂଆଗାଁର ମଳୟ ପରିଡ଼ାଙ୍କୁ ଗତ ୪ ମାସ ତଳେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବିରେ ଝରଣାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି।

### ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନିଲମ୍ବନକୁ ନିନ୍ଦା

**ଭଦ୍ରକ ଅଫିସ,୨୯।୧୦:** ଭଦ୍ରକ ଜିଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ଜିଲାସ୍ତରୀୟ ସାଧାରଣ ବୈଠକ ନୂଆବଜାର କର୍ମଚାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଗୟାଧର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସାଙ୍ଗଠନିକ ବିଷୟ ଆଲୋଚନାପୂର୍ବକ ଜିଲା ପ୍ରଶାସନ ପକ୍ଷରୁ କେତେକ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନିଲମ୍ବନ ଘଟଣାକୁ ନିନ୍ଦା କରାଯାଇଥିଲା। ଅଭିଯୋଗ ହୋଇଛି ଯେ, ପଞ୍ଚାୟତିରାଜ ବିଭାଗର କାର୍ଯ୍ୟରତ ଜିଲାର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ଗ୍ରାମ ରୋଜଗାର ସେବକ କଠିନ ପରିଶ୍ରମ କରି ଜିଲା ରୁରାଲ ହାଉସିଂରେ ସମ୍ମାନଜନକ ସ୍ଥାନରେ ରହୁଥିଲେ। ଜିଲା ପ୍ରଶାସନ ଦ୍ୱାରା ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କୁ ବାରମ୍ବାର ନିଲମ୍ବନ କରାଯାଇ ସେମାନଙ୍କୁ ମାନସିକ ଚାପରେ ରହିବାକୁ ବାଧ କରାଯାଉଛି। କେତେକ କ୍ଷେତ୍ରରେ ଅନ୍ୟ କର୍ମଚାରୀଙ୍କ ଅବହେଳା ପାଇଁ କେବଳ ଏହି ଅଧିକାରୀମାନେ ଦଣ୍ଡିତ ହେଉଛନ୍ତି। ଏପରି କି ସେମାନଙ୍କୁ କୈଫିୟତ ଦେବା ପାଇଁ ମଧ ସୁଯୋଗ ଦିଆଯାଉନାହିଁ। ଏ ସମସ୍ତ ଘଟଣାର ସମାଧାନ ନେଇ ନିର୍ବାହୀ ଅଧିକାରୀ ସଂଘର କାର୍ଯ୍ୟକାରିଣୀ କମିଟି ତୁରନ୍ତ ଜିଲାପାଳଙ୍କ ସହ ଆଲୋଚନା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହା ସତ୍ତ୍ୱେ ଜିଲା ପ୍ରଶାସନ ଏଭଳି କାର୍ଯ୍ୟଧାରା ଜାରି ରଖିଲେ ଜିଲା ପଞ୍ଚାୟତ ନିର୍ବାହୀ ଏବଂ ଜିଆର୍‌ଏସ୍ ସଂଘ ପ୍ରଶାସନକୁ ସମସ୍ତ କ୍ଷେତ୍ରରେ ଅସହଯୋଗ କରିବେ ବୋଲି ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଜିଆର୍‌ଏସ୍ ସଂଘ ସମ୍ପାଦକ ଗୌରହରି ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ଜିଲା ସମ୍ପାଦକ ପୀତାମ୍ବର ବିଶ୍ୱାଳଙ୍କ ସମେତ ବିଭିନ୍ନ ବ୍ଲକରୁ ପଞ୍ଚାୟତ ନିର୍ବାହୀ ଅଧିକାରୀ, ସଂଘର କର୍ମକର୍ତ୍ତା ବୈଠକରେ ଯୋଗଦେଇଥିଲେ।

### ୩ ବଖରା ଜଳିଗଲା: ୨ ଗୋରୁ ମୃତ

**ଚାନ୍ଦବାଲି,୨୯।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ମାଧପୁର ପଞ୍ଚାୟତ କୃଷ୍ଣପୁର ଗାଁରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଯୋଗେଶ ଦାସ ଓ ଭାଗୀରଥି ଦାସଙ୍କ ୩ ବଖରା ଘର ଜଳିଯାଇଛି। ସେମାନଙ୍କ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡରେ ୨ ଗୋରୁଙ୍କର ମୃତ୍ୟୁ ଘଟିଥିବାବେଳେ ୪ ଗୋରୁ ଆହତ ହୋଇଛନ୍ତି। ଚାନ୍ଦବାଲିରୁ ଦମକଳ ଯାଇ ନିଆଁକୁ ଆୟତ୍ତ କରିଥିଲା। ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ରାଜସ୍ୱ ବିଭାଗ ଓ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ କ୍ଷୟକ୍ଷତିର ପ୍ରାଥମିକ ଆକଳନ କରାଯାଇଛି।

### ଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ତିହିଡ଼ି,୨୯।୧୦(ଡି.ଏନ.ଏ.):** ତିହିଡ଼ି ବ୍ଲକ କୋହ୍ଲସ୍ଥିତ ଯୋଗାଶ୍ରମରେ ଅଖିଳ ଭୂମଣ୍ଡଳୀୟ ସର୍ବୋଚ୍ଚଶିରୋମଣି ମୁନିସମାଜ ପ୍ରାନ୍ତ ପକ୍ଷରୁ ଶିବମୁନିଙ୍କ ୧୩୫ତମ ଜନ୍ମବାର୍ଷିକ ପାଳିତ ହୋଇଯାଇଛି। ଯୋଗାଚାର୍ଯ୍ୟ ଗଙ୍ଗାଧର ମୁନି ପୌରୋହିତ୍ୟରେ ଅନୁଷ୍ଠିତ ଜ୍ଞାନଯଜ୍ଞରେ ଯୋଗ ଶିକ୍ଷକ ଯୋଗୀ ଗୟାଧର ବାରିକ, ତ୍ରିଲୋଚନ ମୁନି, ଯୋଗ ଶିକ୍ଷୟିତ୍ରୀ ସୂର୍ଯ୍ୟମଣି ପାଣିଗ୍ରାହୀ, ମୁନିରାଜ ନାରାୟଣ ଦାସ, ଯୋଗୀ ଗୟାଧର ମୁନି ପ୍ରମୁଖ ଯୋଗଦେଇ ସମାଜରେ ସଦ୍‌ଭାବ ପ୍ରତିଷ୍ଠା କରିବାରେ ଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଆଶ୍ରମ ଯୋଗ ଶିକ୍ଷକ ଯୋଗୀ ସର୍ବେଶ୍ୱର ମୁନି ଅତିଥି ପରିଚୟ, ମୁନି ବାଇଧର, ହୃଦାନନ୍ଦ, ପାର୍ଥସାରଥୀ, ପ୍ରଫୁଲ୍ଲ, ଗଜେନ୍ଦ୍ର, ଦୟାନିଧିଙ୍କ ସମେତ ଆଶ୍ରମର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଭଦ୍ରକ ଷ୍ଟେଶନରେ ରେଳରୋକୋ।




ଭଦ୍ରକରେ କିନ୍ନରଙ୍କ ପକ୍ଷରୁ ଶୋଭାଯାତ୍ରା।




ଧାମନଗର ସାନବଜାରରେ ବନ୍ଦ ପାଳନ।

# ମେଡିକାଲ କଲେଜ ଦାବିରେ ଅଖଣ୍ଡ ବନ୍ଦ




ଜାତୀୟ ରାଜପଥରେ ଗାଡ଼ିଗୁଡ଼ିକ ଅଟକି ରହିଛି।

***ଭଦ୍ରକରେ ମେଡ଼ିକାଲ କଲେଜ ପ୍ରତିଷ୍ଠା ଦାବିରେ ସୋମବାର ଜିଲାର ବିଭିନ୍ନ ସ୍ଥାନରେ ବନ୍ଦ ପାଳନ କରାଯାଇଥିଲା। ଏହାର ପ୍ରଭାବରେ ସମସ୍ତ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସହ ବ୍ୟବସାୟ ପ୍ରତିଷ୍ଠାନ ଓ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଗାଡ଼ି ଚଳାଚଳ ବନ୍ଦ ଯୋଗୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।***

ଚାନ୍ଦବାଲି, ୨୯।୧୦ (ଡି.ଏନ.ଏ.)

ଚାନ୍ଦବାଲି କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ଚାନ୍ଦବାଲିର ସମସ୍ତ ରାଜନୈତିକ ଦଳର କାର୍ଯ୍ୟକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନ, ମହିଳା ମଣ୍ଡଳର କର୍ମକର୍ତ୍ତା ବନ୍ଦରେ ସାମିଲ ହୋଇଥିଲେ। ଆନ୍ଦୋଳନକାରୀମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସହିତ କାଳୀମନ୍ଦିର ନିକଟରେ ଭଦ୍ରକ-ଚାନ୍ଦବାଲି ରାସ୍ତାକୁ ଅବରୋଧ କରିଥିଲେ। ରଘୁନାଥ ସାହୁ, ସୁଧୀର ମହାନ୍ତି, ପ୍ରଶାନ୍ତ ଦାଶ, ବ୍ରଜ ମହାନ୍ତି, ଉପେନ୍ଦ୍ର ରାଉଳ, ତାରାପଦ ମହାନ୍ତି, ମଳୟ ଭୋଇ, ସୁଲୋଚନା ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଅନୁରୂପ ଭାବେ ମତୋ, ଧାମରା, ଘଣ୍ଟେଶ୍ୱରରେ ମଧ ବନ୍ଦରେ ସାମିଲ ହୋଇଥିଲେ।

**ବାସୁଦେବପୁର/ପଦ୍ମପୁର,(ଡି.ଏନ.ଏ.):** ଜିଲା କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ ଓ ବିଭିନ୍ନ ସଂଗଠନ, ରାଜନୈତିକ ଦଳର ସହଯୋଗରେ ଭଦ୍ରକ ଜିଲା ବନ୍ଦ ଡାକରାକୁ ବାସୁଦେବପୁରରେ ସବୁସ୍ତରରୁ ସହଯୋଗ ଓ ସମର୍ଥନ ମିଳିଛି। ସକାଳେ ଏବି ହାଇସ୍କୁଲ ଛକରେ ଭାଜପା ପକ୍ଷରୁ ବରିଷ୍ଠ ନେତା ମାଧବାନନ୍ଦ ମଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନବନ୍ଧୁ ପତି, ଜିଲା ଉପସଭାପତି ଅଶୋକ ସାହୁ, ଯୁବମୋର୍ଚ୍ଚା ସଭାପତି ସସ୍ମିତ କୁମାର ମହାନ୍ତି, ସୁଶାନ୍ତ ବେହେରା, ସଞ୍ଜୟ ପାତ୍ର, ଜୟପ୍ରକାଶ ମଲିକ, ଭାଜପା ପୂର୍ବତନ ବ୍ଲକ ସଭାପତି ନିର୍ମଳ ପଣ୍ଡା, ଜ୍ଞାନରଞ୍ଜନ ମହାନ୍ତିଙ୍କ ସମେତ ଶତାଧିକ କର୍ମୀ ଓ ସମର୍ଥକ ବନ୍ଦରେ ସାମିଲ ଥିଲେ। କଂଗ୍ରେସ ପକ୍ଷରୁ ଟ୍ରାଫିକ ଛକଠାରେ ଜୋନ୍ ସଭାପତି ପ୍ରଭାତ ବାରିକ, ନିରଞ୍ଜନ ପଲେଇ, ପୂର୍ବତନ କାଉନସିଲର ଗଙ୍ଗାଧର ବାରିକ, ତୁହିଦ୍ ଖାଁ, କାଉନସିଲର ପ୍ରବୋଧ ଦାସ, ସୁବାସ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସେହିପରି ସାମାଜିକ କର୍ମୀ ମମତା ଜେନା, ସୀତାରାଣୀ ସାହୁ ପ୍ରମୁଖ ଏଥିରେ ସାମିଲ ଥିଲେ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ନଗର ସମ୍ପାଦକ ଜଗବନ୍ଧୁ ସାହୁଙ୍କ ନେତୃତ୍ୱରେ ପୁରାତନ ଷ୍ଟେଟବ୍ୟାଙ୍କ ନିକଟରେ ବନ୍ଦ ପାଳନ କରାଯାଇଥିଲା। ନରସିଂହପୁର ବଜାରଠାରେ ସଚେତନ ନାଗରିକଙ୍କ ପକ୍ଷରୁ ବ୍ୟାନର ଲଗାଯାଇ ରାସ୍ତା ଅବରୋଧ କରାଯାଇଥିଲା। ଜିଲା ଉନ୍ନୟନ ସଂଘର୍ଷ ସମିତି, ଭଦ୍ରକ ମେଡିକାଲ କଲେଜ ସଂଗ୍ରାମୀ ସେନା ଆନ୍ଦୋଳନରେ ସାମିଲ ହୋଇଥିଲେ। ବିଦେଇପୁର ବଜାର, ରାଜଘରପୋଖରୀ, ପଦ୍ମପୁର, ସାବରଙ୍ଗ, ଏଡତାଳ, ବାଲିମେଦ, ଲକ୍ଷ୍ମୀଦାସପୁର ଅଞ୍ଚଳର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବାବେଳେ ପ୍ରାଥମିକ ବିଦ୍ୟାଳୟରେ ହେବାକୁ ଥିବା ପରୀକ୍ଷା ମଧ ବନ୍ଦ ରହିଥିଲା।

**ଆରଡ଼ି,(ଡି.ଏନ.ଏ.):** ଚାନ୍ଦବାଲି ବ୍ଲକର ଆରଡି, ନାନ୍ଦପୁର, ସୁନ୍ଦରପୁର, ଓଳଗ, ଧାମନଗର ବ୍ଲକର ପାଳସାହି, ରଇପୁର, ତିହିଡ଼ି ବ୍ଲକର ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ବିଭିନ୍ନ ବଜାର ଓ ଛକ ସ୍ଥାନରେ ବନ୍ଦ ପାଳନକୁ ଦୃଢ଼ ସମର୍ଥନ କରାଯାଇଛି। ଆଖଣ୍ଡଳମଣି ପୀଠ ଆରଡ଼ିରେ ସକାଳ ୬ ଟାଠାରୁ ବସ୍‌ଗୁଡ଼ିକ ଅଟକି ରହିଥିଲା। ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାରୁ ୨୦ ନମ୍ବର ଜାତୀୟ ରାଜପଥ ଦେଇ ଆରଡ଼ିକୁ ଆସୁଥିବା ଛୋଟ ଛୋଟ ଗାଡିକୁ କୁଳେଇପଦା(ମଠଡିହ) ଛକ ନିକଟରେ ମା' ଖରାଖାଇ ଯୁବ ପରିଷଦର କର୍ମକର୍ତ୍ତା, ପହଣା, ଆରଡି, ଷାଠିବାଙ୍କୁଡ଼ା, ନାନ୍ଦପୁର ଆଦି ଗାଁର ଯୁବକ ଅଟକାଇଥିଲେ। ଦୀର୍ଘ ସମୟ ଧରି ଗାଡ଼ିଗୁଡ଼ିକ ଅଟକି ରହିବାରୁ ଲୋକେ ଗାଡିରୁ ଓହ୍ଲାଇ ୩ କି.ମି. ଚାଲି ଚାଲି ଯାଇ ଆଖଣ୍ଡଳମଣି ବାବାଙ୍କୁ ଦର୍ଶନ କରିଥିଲେ। ସେହିପରି ମଠଡିହ, ବେତାଳିଗାଁ, ବାଙ୍କସାହି ଆଦି ବଜାରରେ ବ୍ୟବସାୟୀମାନେ ସ୍ୱତଃପ୍ରବୃତ ଭାବେ ଦୋକାନ ବନ୍ଦ ରଖିଥିଲେ।

**ଧାମନଗର, (ଡି.ଏନ.ଏ.):** ଧାମନଗର ବ୍ଲକର ସମସ୍ତ ବଜାରରେ ଦୋକାନ ଓ ବ୍ୟବସାୟିକ ଅନୁଷ୍ଠାନ ବନ୍ଦ ଥିବାବେଳେ କୌଣସି ଚାରିଚକିଆ ଯାନ ରାସ୍ତାରେ ଦେଖିବାକୁ ମିଳି ନ ଥିଲା। ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ବନ୍ଦ ରଖାଯାଇଥିଲା। ସଂଗ୍ରାମୀ ସେନା ବିଭିନ୍ନ ପ୍ରମୁଖ ବଜାର ଓ ଛକରେ ରାସ୍ତା ଅବରୋଧ କରି ମେଡିକାଲ କଲେଜ ସ୍ଥାପନ ଦାବି କରିଥିଲେ। ଧାମନଗର ସାନବଜାର ଛକ ନିକଟରେ ବିଜୟ ରାମ, ମନୋଜ ମଲ୍ଲିକ, ଅରବିନ୍ଦ ପତି, ସେକ୍ ଜାଫର ଅଲ୍ଲୀ, ସଚିକାନ୍ତ ପଣ୍ଡା, ସୁଦୀପ୍ତ ଖଟୁଆ, ବିରେନ୍ଦ୍ର ଜେନା, ଆଡଭୋକେଟ ଜଇନୁଲ ଆବେଦିନ, ଧୂଷୁରୀ ବଜାର ବସ୍‌ଷ୍ଟାଣ୍ଡ ନିକଟରେ ଚତୁର୍ଭୁଜ ନାୟକ, ସଦାଶିବ ପୋଥାଳ, ମାନସ ସାହୁ, ଅନିରୁଦ୍ଧ ସାହୁ, ସତ୍ୟମୂର୍ତ୍ତି ବେହେରା ପ୍ରମୁଖ ସାମିଲ ଥିଲେ। ଅସୁରାଳି ବଜାର ବିଶ୍ରାମାଗାର ନିକଟରେ ଆଡଭୋକେଟ ସୁରଜ ସାହୁ, ଗଣେଶ ଦାସ, ବୈକୁଣ୍ଠ ନାଥ ସାହୁ, ଡା. ସଦାନନ୍ଦ ଦାସ, ସରପଞ୍ଚ ରାଜେନ୍ଦ୍ର ସାହୁ, ଦୋବଲ ବଜାରରେ ପ୍ରଶାନ୍ତ ସାହୁ, ସେକ୍ ତାଜୁଦ୍ଦିନ, ରଣଜିତ ମହାନ୍ତି, ନାରାୟଣ ସାହାଣୀ, ମମତାଜ ଅଲ୍ଲୀ ପ୍ରମୁଖ ସାମିଲ ଥିଲେ। ଏହି ବ୍ଲକରେ ବିଜେଡି, ଭାଜପା, କଂଗ୍ରେସ ଓ କମ୍ୟୁନିଷ୍ଟ ପାର୍ଟି ତରଫରୁ ବନ୍ଦକୁ ସମର୍ଥନ ଦିଆଯାଇଥିଲା।

**ଭଣ୍ଡାରିପୋଖରୀ,(ଡି.ଏନ.ଏ.):** ୧୨ ଘଣ୍ଟିଆ ବନ୍ଦକୁ ଭାଜପା ଓ କଂଗ୍ରେସ କର୍ମୀମାନେ ସମର୍ଥନ ଜଣାଇ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। କ୍ରିୟାନୁଷ୍ଠାନ କମିଟିକୁ ସମର୍ଥନ ଜଣାଇ ଭାଜପା, କଂଗ୍ରେସ ନେତୃବୃନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ। ଭଣ୍ଡାରିପୋଖରୀଠାରେ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଶ୍ୟାମସୁନ୍ଦର ମହାପାତ୍ର, ଗୋବିନ୍ଦ ବାରିକ, ଭଗବାନ ସାମଲ, ମୃତ୍ୟୁଞ୍ଜୟ ସେନାପତି, ଦୁର୍ଯ୍ୟୋଧନ ଲେଙ୍କା, ଭାଜପା ଭଦ୍ରକ ଜିଲା ସଭାପତି ବଦ୍ରିନାରାୟଣ ଧଳ, ନିର୍ମଳ କର, ଜୟସ୍ମିତା ଗୋଚ୍ଛାୟତ, କଂଗ୍ରେସ ବ୍ଲକ ସଭାପତି ରଜନୀକାନ୍ତ ଚାନ୍ଦ, ସରପଞ୍ଚ ପ୍ରଶାନ୍ତ ସାହୁ, ବିଜୟ ସ୍ୱାଇଁ ପ୍ରମୁଖ ନେତୃତ୍ୱ ନେଇଥିଲେ। ଆଖୁଆପଦାଠାରେ ସରପଞ୍ଚ ମନୋଜ ନାୟକ, ମନୋରଞ୍ଜନ ମିଶ୍ର, ଅନ୍ନପୂର୍ଣ୍ଣା ଜେନା, ଧାମନଗର ଛକଠାରେ ସୀତାକାନ୍ତ ଜେନା, ଭାଗୀରଥି ବିଶ୍ୱାଳ, ସିଦ୍ଧେଶ୍ୱର ବଜାର କମିଟି କର୍ମକର୍ତ୍ତା ନେତୃତ୍ୱ ନେଇଥିଲେ। ସେହିପରି ମଞ୍ଜୁରିରୋଡ, ମାଳଦା, ସରସଦା, ପଚ୍ଚାପୋଲ, ରାଢୋଛକ, ଛତାବର ଆଦି ବଜାର ବନ୍ଦ ରହିଥିଲା। ବନ୍ଦ ପାଳନ ବେଳେ ଧାମନଗର ଏସ୍‌ଡିପିଓ ମନୋରଞ୍ଜନ ସାମଲଙ୍କ ସହିତ ଭାଜପା ଜିଲା ସଭାପତି ଧଳଙ୍କ ସହ ବଚସା ହୋଇଥିଲା।

**ବନ୍ତ,(ଡି.ଏନ.ଏ./ସ୍ୱ.ପ୍ର.):** ବନ୍ତ ନାଗରିକ ସୁରକ୍ଷା ପରିଷଦ, କଂଗ୍ରେସ, ସିପିଆଇ ଓ ଭାଜପା ପକ୍ଷରୁ ମିଳିତ ଭାବେ ଶତାଧିକ ସମର୍ଥକ ବ୍ୟାନର ଓ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ବନ୍ତ ବଜାର ପରିକ୍ରମା କରିଥିଲେ। ସିପିଆଇ ପକ୍ଷରୁ ଜୋନ୍ ସମ୍ପାଦକ ରମେଶ ଜେନା, ପବିତ୍ର ମୋହନ ସେଠୀ, ପର୍ଶୁରାମ ସ୍ୱାଇଁ, ସୁଦାମ ଦାସ, ଅନିରୁଦ୍ଧ ଜେନା, ରବୀନ୍ଦ୍ର ସେଠୀ, କଂଗ୍ରେସ ପକ୍ଷରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରମୋହନ ବେହେରା, ଜୋନ୍ ସଭାପତି ନିରଞ୍ଜନ ମଲ୍ଲିକ, ଅନନ୍ତ ଚରଣ ଦାସ, ସରପଞ୍ଚ ମୁସ୍ତାକ୍ ଅଲ୍ଲୀ ଖାଁ ପ୍ରମୁଖ ସାମିଲ ଥିଲେ। ବନ୍ତ ନାଗରିକ ସୁରକ୍ଷା ପରିଷଦ ପକ୍ଷରୁ ଆବାହକ ପତଞ୍ଜଳି କରଶର୍ମା, କାର୍ଯ୍ୟକାରୀ ସଭାପତି ବସନ୍ତ କୁମାର ବିଶ୍ୱାଳ, ଉପସଭାପତି ଭବାନୀ ବିଶ୍ୱାଳ, ଭାଜପାର ପଞ୍ଚାନନ ରାଉତ, କୈଳାସ ନାଥ, ଫାଲ୍‌ଗୁନି ରାଉତ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ନିଳୋକଠାରେ ସମସ୍ତ ଦୋକାନ ବଜାର ସମେତ ବିଭିନ୍ନ ସ୍କୁଲ ବନ୍ଦ କରାଯାଇଥିଲା। ଭାଜପା ପକ୍ଷରୁ ଅନନ୍ତ ଚରଣ ଦାସ, ନିରଞ୍ଜନ ବିଶ୍ୱାଳ, ମହେଶ୍ୱର ବେହେରା, ଜୟଦେବ ମିଶ୍ର ଓ କଂଗ୍ରେସ ପକ୍ଷରୁ ମଣିଭଦ୍ର ବିଶ୍ୱାଳ, ନୃସିଂହ ଚରଣ ଦାଶ ପ୍ରମୁଖ ଯୋଗଦେଇଥିଲେ। ଆଗରପଡାରେ ମେଡିକାଲ କଲେଜ ସଂଗ୍ରାମୀ ସେନା, ଶହୀଦ ଭଗତ ସେନା, ଭାଜପା, କଂଗ୍ରେସ, ସିପିଆଇ, ସିପିଆଇଏମ୍ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ବଜାର ମୁଖ୍ୟଛକରେ ହେମନ୍ତ ସିଂହଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଶିକ୍ଷାବିତ୍ ରଥ ବେହେରା, ବିଟିପୁର ସରପଞ୍ଚ ସତ୍ୟବାନ ଦାଶ, ବଡ଼ମହିଗୋଠ ସରପଞ୍ଚ କ୍ରିଷ୍ଣା ମହାନ୍ତି, ଅଣିଜୋ ସରପଞ୍ଚ ଜଗବନ୍ଧୁ ବେହେରା, ଭାଜପା ଜୋନ୍ ସଭାପତି ଗୋପାଳକୃଷ୍ଣ ଦାଶ, ସମ୍ପାଦକ ଅମୂଲ୍ୟରତ୍ନ ନନ୍ଦ, ପୂର୍ବତନ ସରପଞ୍ଚ ରବିନାରାୟଣ ମହାନ୍ତି ପ୍ରମୁଖ ଭଦ୍ରକ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ବକ୍ତବ୍ୟ ରଖିଥିଲେ।

**ତିହିଡ଼ି,(ଡି.ଏନ.ଏ.):** ତିହିଡ଼ିରେ ଜୀବନଜ୍ୟୋତି ସଙ୍ଗଠନ, ଆରସା, ତିହିଡ଼ି ଯୁବମଞ୍ଚ, ଗୋପବନ୍ଧୁ ସେବା ସଂଘ, ପିଜି ଫାଉଣ୍ଡେଶନ ଓ ପୀରହାଟ ଜାଗ୍ରତ ସେନା ପକ୍ଷରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର, ସ୍କୁଲ, କଲେଜ ବନ୍ଦ ରଖାଯାଇଥିଲା। ଜୀବନଜ୍ୟୋତି ସଙ୍ଗଠନ ସମ୍ପାଦକ ଧୀରେନ୍ଦ୍ର ସାହୁ, ଯୁବମଞ୍ଚ ଉପଦେଷ୍ଟା ସଚିକାନ୍ତ ନାୟକ, ସଭାପତି କୈଳାସ ବେହେରା, ସମ୍ପାଦକ ସତ୍ୟସୁନ୍ଦର ପତି, ପିଜି ଫାଉଣ୍ଡେଶନ ଅଧ୍ୟକ୍ଷ ପ୍ରୀତମ ଶଙ୍କର ବିଶ୍ୱାଳ, ଗୋପବନ୍ଧୁ ସେବା ସଂଘ ଆବାହକ ରାଜୀବ କୁମାର ନାୟକ, ସଂଯୋଜକ ଖଗେଶ୍ୱର ତ୍ରିପାଠୀ, ଜାଗ୍ରତ ସେନା ସମ୍ପାଦକ ଚିତ୍ତରଞ୍ଜନ ସେଠୀ, ସେକ୍ ଲିଆକତ, ସନାତନ ସାହୁ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।



ବନ୍ଦ ପାଳନ ଅବସରରେ ଚାନ୍ଦବାଲିରେ ଶୋଭାଯାତ୍ରା।

# ୨୩ ବର୍ଷରୁ କମ୍ ଓଡ଼ିଶା ଦଳରେ କ୍ଷମାସାଗର

ଭଦ୍ରକ ଅଫିସ,୨୯।୧୦

ଚଳିତ ସିଜିନ ଓଡ଼ିଶା ୨୩ ବର୍ଷରୁ କମ୍ କ୍ରିକେଟ ଦଳ ନଭେମ୍ବର ୨ରୁ ଅଭିଯାନ ଆରମ୍ଭ କରୁଛି। କଟକର ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଆସନ୍ତା ନଭେମ୍ବର ୨ରୁ ୫ ତାରିଖ ପର୍ଯ୍ୟନ୍ତ ସିକେ ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିଲାଗି ଘୋଷିତ ଓଡ଼ିଶା ଦଳରେ ଭଦ୍ରକ ଜିଲାରୁ କ୍ଷମାସାଗର ବଳ ସ୍ଥାନ ପାଇଛନ୍ତି। ସେ ପୂର୍ବରୁ ୧୬ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ଓଡ଼ିଶା ଦଳରେ ସ୍ଥାନ ପାଇଥିଲେ। ସେ ଏକାଡେମୀ ଅଫ୍ ଭଦ୍ରକ କ୍ରିକେଟରେ ଅଭ୍ୟାସ କରୁଥିବାବେଳେ ଜଗନ୍ନାଥପୁର କ୍ରିକେଟ କ୍ଲବର ଜଣେ ନିୟମିତ ଖେଳାଳି। ସେ ଭଦ୍ରକ ହାଉସିଂ ବୋର୍ଡ କଲୋନୀ ବାସିନ୍ଦା ସୋମନାଥ ବଳ ଓ ଜ୍ୟୋସ୍ନାରାଣୀ ବଳଙ୍କ ପୁତ୍ର। କୋଚ୍ ପୂର୍ଣ୍ଣେନ୍ଦୁ ଜେନା, ଜଗନ୍ନାଥପୁର କ୍ରିକେଟ କ୍ଲବର କୋଚ୍ ମନୋଜ ସାହୁ, ଭଦ୍ରକ ଜିଲା ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ଧୀରେନ ପଲେଇ ଓ ଭଦ୍ରକ ଜିଲା କ୍ରିକେଟ ଆସୋସିଏଶନର ସମ୍ପାଦକ ଉପେନ୍ଦ୍ର ବାରିକ ତାଙ୍କର ସଫଳତା କାମନା କରିଛନ୍ତି।

**ସିକେ ନାଇଡୁ ଟ୍ରଫି କ୍ରିକେଟ**



କ୍ଷମାସାଗର ବଳ

# ବିପର୍ଯ୍ୟୟ ମୁକାବିଲା ନେଇ ସଚେତନତା

ଆରଡ଼ି, ୨୯।୧୦(ଡି.ଏନ.ଏ.)

ଚାନ୍ଦବାଲି ବ୍ଲକ ସୁନ୍ଦରପୁର ପ୍ରାଥମିକ ବିଦ୍ୟାଳୟ ତଥା ବାତ୍ୟା ଆଶ୍ରୟସ୍ଥଳରେ ସୁନ୍ଦରପୁର ବିପର୍ଯ୍ୟୟ ପ୍ରଶମନ କମିଟି ତରଫରୁ ସୋମବାର ବିପର୍ଯ୍ୟୟ ମୁକାବିଲା ସଚେତନତା ଦିବସ ପାଳିତ ହୋଇଯାଇଛି। କମିଟି ସଦସ୍ୟମାନେ ଗ୍ରାମ ପରିକ୍ରମା କରି ଜନସଚେତନତା ସୃଷ୍ଟି କରିଥିଲେ। ପରେ କମିଟି ସଭାପତି ବ୍ରଜବନ୍ଧୁ ବେହୁରିଆଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ କୁମାରୀ ମାଝି, କମିଟି ସମ୍ପାଦକ ପ୍ରାଣବନ୍ଧୁ ଓଝା, ସଂଯୋଜକ ଉମାକାନ୍ତ ସାହୁ, କୁଶଭଦ୍ର ସେଠୀ ପ୍ରମୁଖ ପ୍ରାକୃତିକ ବିପର୍ଯ୍ୟୟ ଓ ଏହାର ମୁକାବିଲା ଉପରେ ଆଲୋକପାତ କରିଥିଲେ। ଏ ସମ୍ପର୍କିତ ବିଷୟବସ୍ତୁକୁ ନେଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବାସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କମିଟି ସଦସ୍ୟ ଦୀନବନ୍ଧୁ ସାହୁ, ହିମାଂଶୁ ଶେଖର ପଣ୍ଡା, ବିଚିତ୍ରାନନ୍ଦ ମହାଳିକ, ଦଶରଥ ମହାଳିକ, କମଳ ମହାଳିକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଗୋବିନ୍ଦପୁରରେ ଜନସମ୍ପର୍କ ପଦଯାତ୍ରା



ଜନସମ୍ପର୍କ ପଦଯାତ୍ରାରେ ବିଜେଡି କର୍ମକର୍ତ୍ତା।

ତିହିଡ଼ି,୨୯।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ଗୋବିନ୍ଦପୁର ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାରସର ପଞ୍ଚାୟତ ତିଆଡ଼ିସାହିଠାରୁ ପଦଯାତ୍ରା ଆରମ୍ଭ ହୋଇ କୁଆଁରଚତରଠାରେ ଶେଷ ହୋଇଥିଲା। ସେଠାରେ ବରିଷ୍ଠ ନେତା କମଳାକାନ୍ତ ମାଝୀଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। ମୁଖ୍ୟଅତିଥି ଭାବେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଯୋଗଦେଇ ବୟାଙ୍ଗ ଅଞ୍ଚଳର ବିକାଶ ପାଇଁ ଉଦ୍ୟମ କରାଯାଇଛି, ବାକିଥିବା କାର୍ଯ୍ୟ ଶେଷ କରାଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ସରପଞ୍ଚ ମାନସ ରଞ୍ଜନ ସାହୁ, ଏମ୍‌ପିଙ୍କ ପ୍ରତିନିଧି ସୁରେନ୍ଦ୍ର ନାୟକ, ସମିତିସଭ୍ୟା ବିଦ୍ୟାବତୀ ମହାନ୍ତି, ବିଧାୟକଙ୍କ ପ୍ରତିନିଧି ଅଶୋକ ବଳ, ପୂର୍ବତନ ସରପଞ୍ଚ ଶ୍ରୀକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଗତ ୪ ବର୍ଷ ମଧ୍ୟରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସମିତିସଭ୍ୟ ଲିଙ୍ଗରାଜ ନାୟକ, ଲକ୍ଷ୍ମୀକାନ୍ତ ବଳ, ସୁବ୍ରତ ମହାନ୍ତି, ସନ୍ତୋଷ ବିଶ୍ୱାଳ, ପ୍ରଭାତ ମହାନ୍ତି, କମଳାକାନ୍ତ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ।



ଯେଉଁମାନଙ୍କର ହୃଦୟ ବିଶାଳ, ସେହିମାନେ ହିଁ ସହନଶୀଳତା କଥାର ପ୍ରକୃତ ମର୍ମ ବୁଝିପାରିବେ।
-ଜର୍ଜ ଏଲିଏଟ୍



## ସଂକ୍ଷେପରେ

### ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବାକୁ ପ୍ରୟାସ

ବହଳଦା,୨୯।୧୦(ଡି.ଏନ.ଏ): ଜିଲା ସର୍ବଶିକ୍ଷା ଅଭିଯାନ ଓ ବହଳଦା ବ୍ଲକ ଶିକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ 'ସୁରଭି-୨୦୧୮' ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଭୂତନାଥ ସିଙ୍କ୍ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ବିଡିଓ ଭୋଳାନାଥ ସେଠୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସଂଗଠକ ଅଶୋକ କୁମାର ରାଉତ, ସମ୍ମାନିତ ଅତିଥି ବାବେ ଏବିଇଓ ଜୟମୁନି ବେହେରା ଯୋଗଦେଇଥିଲେ। ସାମ୍ପ୍ରତିକ ସମୟରେ ଅଭିଭାବକ କେବଳ ନିଜ ନିଜ ପିଲାଙ୍କର ପାଠପଢ଼ା ଓ ପରୀକ୍ଷା ଫଳକୁ ବେଶି ପ୍ରାଥମିକତା ଦେଉଥିବା ବେଳେ ସେମାନଙ୍କ ଭିତରେ ଥିବା ପ୍ରତିଭାକୁ ବିକଶିତ କରିବା ସୁରଭିର ଲକ୍ଷ୍ୟ ବୋଲି ବକ୍ତାମାନେ କହିଥିଲେ। ୧୦ଟି କ୍ଲଷ୍ଟରର ମୋଟ ୧୭୦ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୨୨ଜଣ କୃତୀ ପ୍ରତିଯୋଗୀ ନଭେମ୍ବର ୨ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମକୁ ବରିଷ୍ଠ ସିଆର୍‌ସିସି ଭୋଳାନାଥ ସାହୁ, ସୁବ୍ରତ ପଲେଇ, ଅକିଞ୍ଚନ ବାରିକ, ସୁରେନ୍ଦ୍ର ମହାନ୍ତ, ହେମନ୍ତ ମହାନ୍ତି, ଶିକ୍ଷକ ହେମନ୍ତ ମହାନ୍ତ, ମୀରା ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ। ସନ୍ଧ୍ୟାରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶ୍ରୀ ସବିତା ସୋରେନ, ଏପିଓ ସାଧନା ଜେନା ଯୋଗଦେଇ ଶିଶୁ ଉତ୍ସବକୁ ଉଦ୍‌ଯାପନ କରିଥିଲେ।

### ଜିଲା କଂଗ୍ରେସ କମିଟିର ନୂତନ କର୍ମକର୍ତ୍ତା ମନୋନୀତ

**ବାରିପଦା ଅଫିସ,୨୯।୧୦:** ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ମୟୂରଭଞ୍ଜ ଜିଲା କଂଗ୍ରେସ କମିଟିର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଏହି ନୂତନ କମିଟିରେ ୧୧ଜଣ ଉପସଭାପତି, ୧୦ଜଣ ସାଧାରଣ ସମ୍ପାଦକ,୧୦ଜଣ ସଙ୍ଗଠନ ସମ୍ପାଦକ, ୨୩ଜଣ ସମ୍ପାଦକ, ଜଣେ କୋଷାଧକ୍ଷ, ୭ଜଣ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ, ୨୯ଜଣ ସଦସ୍ୟ ଏବଂ ୨ ଜଣ ମୁଖପାତ୍ରଙ୍କ ନାମ ଘୋଷଣା କରାଯାଇଛି। ମୟୂରଭଞ୍ଜ ଏକ ବୃହତ ଜିଲା ହୋଇଥିବାରୁ ସବୁ ବର୍ଗର କର୍ମୀଙ୍କୁ ନେଇ ଏହି କମିଟି ଗଠନ କରାଯାଇଛି। ତୃଣମୂଳ ସ୍ତରରେ କଂଗ୍ରେସକୁ ସୁଦୃଢ଼ କରି କଂଗ୍ରେସ ଦଳକୁ ଟାଣ କରିବା ପାଇଁ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି।

### ଦୁର୍ନୀତି ନିବାରଣ ନିମନ୍ତେ ସମୂହ ଶପଥ ପାଠ

ଉଦଳା,୨୯।୧୦ (ଡି.ଏନ.ଏ.): ଚଳିତ ମାସ ୨୯ ତାରିଖରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ସୋମବାର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସମୂହ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁମତି କ୍ରମେ ଉପଜିଲାପାଳ ଭଗବାନ ବେହେରା ଉଦ୍ଦିଷ୍ଟ ଶପଥ ପାଠ ଅନୁଚ୍ଛେଦ ପଠନ କରି ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ସମେତ ଉପଖଣ୍ଡ ପୋଲିସ ଅଧିକାରୀ, ପ୍ରକଳ୍ପ ପ୍ରଶାସକ, ଉଦଳା ଡାକ୍ତରଖାନା ଅଧକ୍ଷ, ସହକାରୀ ଜିଲାପାଳ ପ୍ରମୁଖଙ୍କ ସହ ଉପଖଣ୍ଡର ବିଡିଓ, ତହସିଲଦାର, ବିଭିନ୍ନ ବିଭାଗୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ।

### ଇଗ୍ନୁର ଅଧିଷ୍ଠାନ ଉତ୍ସବ

**ବାରିପଦା ଅଫିସ,୨୯।୧୦:** ବାରିପଦା ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ଶିକ୍ଷାକେନ୍ଦ୍ରର ଅଧିଷ୍ଠାନ ଉତ୍ସବ କଲେଜ ଅଧକ୍ଷ ଦୁର୍ଗାଚରଣ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଇଡି କଲେଜ ଅଧକ୍ଷ ଡ.ଶୈଳେନ୍ଦ୍ର ପାଇକରାୟ ଯୋଗଦେଇ ଇଗ୍ନୋର ପାଠ୍ୟ ଖସଡା ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଇଗ୍ନୋର ସହ ସଂଯୋଜକ ଡ.କୈଳାସଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସହ ସଂଯୋଜିକା ଅଧାପିକା ରାଇମଣି ମାର୍ଣ୍ଡି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଦିବ୍ୟଶଙ୍କର ପାଲ, ପ୍ରେମରଞ୍ଜନ ପ୍ରସାଦ, ଆଶିଷ କୁମାର ମଣ୍ଡଳ, ବିଶ୍ୱମ୍ଭର ମହାନ୍ତ, ମୁଗୁକ୍ରିଷ୍ଣା ରେଡ୍ଡି, ରବୀନ୍ଦ୍ର କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଅଧାପକ ଡ. ଅର୍ଜ୍ଜନ କୁମାର ସାହୁ, ଆଶୁତୋଷ ପ୍ରୟାସ ଦାଶ, ଭୀମଚରଣ ମୁର୍ମୁ ପ୍ରମୁଖ ନୂତନ ଛାତ୍ରଛାତ୍ରୀଙ୍କ ଦସ୍ତାବିଜ ଦେଖିଥିଲେ।

# ଜିଲା ଦୌରାଜଜ୍ କାର୍ଯ୍ୟାଳୟ ଗେଟ୍‌ରେ ତାଲା

ବାରିପଦା ଅଫିସ,୨୯।୧୦



ବାରିପଦା ଜିଲା ଦୌରା ଜଜ କାର୍ଯ୍ୟାଳୟ ଗେଟ୍ ସମ୍ମୁଖରେ ଆଇନଜୀବୀଙ୍କ ବିକ୍ଷୋଭ ।

- କ୍ୟାମ୍ପ କୋର୍ଟକୁ ଓକିଲଙ୍କ ବିରୋଧ
- ବିଚାରପତିଙ୍କ ବାଟ ଓଗାଳିଲେ
- ବିଭିନ୍ନ ସ୍ଥାନରେ ପିକେଟିଂ କଲେ

ଗତ ଅଗଷ୍ଟ ୨୮ତାରିଖରେ କଟକସ୍ଥିତ ନୂଆବଜାର ଅଞ୍ଚଳରେ ଜଣେ ଆଇନଜୀବୀଙ୍କୁ ପୋଲିସର ମାଡ ପ୍ରତିବାଦରେ ସମଗ୍ର ରାଜ୍ୟରେ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଏହି ଆନ୍ଦୋଳନକୁ ୨ମାସରୁ ଉର୍ଦ୍ଧ୍ୱ ସମୟ ବିତିଗଲାଣି। ହେଲେ ସମାଧାନର କୌଣସି ବାଟ ବାହାରି ପାରୁ ନ ଥିବାରୁ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଜେଲରେ ବିଭିନ୍ନ ଛୋଟ ମୋଟ ମାମଲାରେ ରହିଥିବା ଅପରାଧିମାନେ ଜେଲରୁ ମୁକୁଳିପାରୁ ନାହାନ୍ତି। ଏଥିଯୋଗୁ ରାଜ୍ୟର ବିଭିନ୍ନ ଜେଲରେ କଏଦୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଜେଲରେ କଏଦୀଙ୍କୁ ରଖିବା ପାଇଁ ସ୍ଥାନାଭାବ ଦେଖାଦେଇଛି। ତେଣୁ ରାଜ୍ୟର ସମସ୍ତ ଜିଲା ଓ ସେସନ କୋର୍ଟକୁ କ୍ୟାମ୍ପ କରିବା ପାଇଁ ହାଇକୋର୍ଟ କହିଛନ୍ତି। ଏହାସହ ଏହି କ୍ୟାମ୍ପ କୋର୍ଟ କରିବାକୁ ସବୁ ନିମ୍ନ ଅଦାଲତକୁ ଅବଗତ କରାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହାକୁ ବିରୋଧ କରିଛି ମୟୂରଭଞ୍ଜ ଜିଲା ସଂଘ।

ଜିଲା ଓକିଲ ସଂଘ ସଭାପତି ପ୍ରବୀର କୁମାର ବସାଙ୍କ ନେତୃତ୍ୱରେ ସମସ୍ତ ଓକିଲ ସୋମବାର ଏହାକୁ ବିରୋଧ କରିବା ସହ ଜିଲା ଦୌରା ଜଜଙ୍କ ଗେଟରେ ତାଲା ପକାଇଦେଇଥିଲେ। ମୟୂରଭଞ୍ଜ ଜିଲା ଓକିଲ ସଂଘର ଶତାଧିକ କର୍ମୀ ବିଭିନ୍ନ ସ୍ଥାନରେ କୋର୍ଟ ଗେଟ୍‌ରେ ପିକେଟିଙ୍ଗ କରି ବନ୍ଦ କରିବା ସହ ବିଚାରପତିଙ୍କୁ ଭିତରକୁ ଛାଡି ନ ଥିଲେ। ଫଳରେ ଅନେକ ବିଚାରପତି ସୋମବାର ବାରିପଦାସ୍ଥିତ କୋର୍ଟରୁ ଫେରି ଯାଇଥିଲେ। ଏପରିକି ଓକିଲମାନେ ସିଏସଆଇ କୋର୍ଟ କାର୍ଯ୍ୟାଳୟରେ ତାଲା ପକାଇଦେଇଥିବାରୁ କର୍ମଚାରୀମାନେ ଭିତରକୁ ଯାଇନପାରି ନ ଥିଲେ। ଫଳରେ ହେବାକୁ ଥିବା କ୍ୟାମ୍ପ କୋର୍ଟ ମଧ୍ୟ ଫେଲ ମାରିଛି।

ହାଇକୋର୍ଟଙ୍କ ନିର୍ଦ୍ଦେଶ ଏହି ଅସ୍ଥାୟୀ କ୍ୟାମ୍ପ କୋର୍ଟରେ ମାଜିଷ୍ଟ୍ରେଟ କେବଳ ଜାମିନ ଉପରେ ଶୁଣାଣୀ କରିବେ। କୌଣସି ମାମଲାର ଶୁଣାଣୀ ପୂର୍ବରୁ ସମ୍ପୃକ୍ତ କୋର୍ଟର କିରାଣୀ ରେକଡପତ୍ର ଜିଲା ଆଇନସେବା ପ୍ରାଧିକରଣକୁ ହସ୍ତାନ୍ତର କରିବେ। ଶୁଣାଣୀ ବେଳେ ଅଭିଯୁକ୍ତଙ୍କୁ କ୍ୟାମ୍ପ କୋର୍ଟରେ ହାଜର କରାଯିବ ଏବଂ ତାଙ୍କୁ ପିଆର ବଣ୍ଡରେ ଛଡା ଯିବା ସହ ନିୟମିତ ଜାମିନ ଆବେଦନ କରିବାକୁ କୁହାଯିବ ବୋଲି ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ହେଲେ ଓକିଲଙ୍କ ବିରୋଧ ହେତୁ ଏହା ଫସର ଫାଟି ଯାଇଛି। ସେହିପରି ଅସମର୍ଥିତ ସୂତ୍ରରୁ ମିଳିଥିବା ସୂତ୍ର ମୁତାବକ ଉଦଳା ଓ ବେତନଟି କୋର୍ଟରେ ମଧ୍ୟ ଏହି କ୍ଲାମ୍ପ କୋର୍ଟ ଫେଲ ମାରିଛି। ହେଲେ ରାଇରଙ୍ଗପୁର ଓ କରଞ୍ଜିଆରେ କିନ୍ତୁ କ୍ୟାମ୍ପ କୋର୍ଟ କାର୍ଯ୍ୟକ୍ଷମ ଥିଲା। ରାଇରଙ୍ଗପୁରରେ ୭ ଜଣ ଓ କରଞ୍ଜିଆରେ ୨୯ ଜଣ କ୍ୟାମ୍ପକୋର୍ଟ ଯୋଗେ ଜାମିନ ପାଇଥିବା ଜଣାପଡିଛି।



ଚିତ୍ରଶିଳ୍ପୀ ଲଛମନ ମହାନ୍ତଙ୍କୁ ସମ୍ମାନିତ କରାଯାଉଛି।

## ବର୍ଣ୍ଣବିଚିତ୍ରା ୨୦୧୮ ଉଦ୍‌ଯାପିତ

# ଚିତ୍ରଶିଳ୍ପୀ ଲଛମନଙ୍କୁ କଳାଶ୍ରୀ ସମ୍ମାନ

ବାରିପଦା ଅଫିସ ,୨୯।୧୦

ବାରିପଦା ସ୍ଥିତ ଚିତ୍ରକଳା ଅନୁଷ୍ଠାନ ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟ ପକ୍ଷରୁ ବର୍ଣ୍ଣବିଚିତ୍ରା ୨୦୧୮ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ୟାମ ପ୍ରସାଦ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ବିବେକାନନ୍ଦ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ମହାବିଦ୍ୟାଳୟର ଇଂରାଜୀ ବିଭାଗ ପ୍ରାଧ୍ୟାପକ ସୁନୀଲ କୁମାର ଜେନା, ଚିତ୍ରଶିଳ୍ପୀ ମାନସ ରଞ୍ଜନ ପତି, ବିଭୂଦତ୍ତ ଦାସ ପ୍ରମୁଖ ଯୋଗଦେଇ ଆଜିର ସମାଜରେ କଳାକୁ ନେଇ ଜଣେ କିପରି ସ୍ୱାବଲମ୍ବୀ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ବାରିପଦା ବିଶିଷ୍ଟ ଚିତ୍ରଶିଳ୍ପୀ ତଥା କଳାଗୁରୁ ଲଛମନ ମହାନ୍ତଙ୍କୁ କଳାଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାଛଡା ୩୦ଜଣ କୃତିଶିଳ୍ପୀଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ଛାତ୍ର ଓମ ପଟ୍ଟନାୟକ,ସୌମ୍ୟ ଘୋଷ,ରିସଭଦେବ ରାଉତ ବେଦ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଅମିତାଭ ମିଶ୍ର ସଂଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର ସମ୍ପାଦିକା ପ୍ରଣତି ଦାସ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅମିତାଭ ଜେନା,ମାନସୀ ରାଉତ,ଜ୍ୟୋତିରଞ୍ଜନ ମହାପାତ୍ର, ସୁସ୍ମିତା ସିଂହ,ସୋନୋମ କାୟନାତ ପ୍ରମୁଖ ସହଯୋଗ କରିଥିଲେ।



ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ।

## ଉଦଳାରେ ଯୁଗ୍ମ ଜନଶୁଣାଣି ଶିବିର

# ୧୫୦ ଅଭିଯୋଗର ହେଲା ଶୁଣାଣି

ଉଦଳା,୨୯।୧୦ (ଡି.ଏନ.ଏ.)

କପ୍ତିପଦା ଉପଖଣ୍ଡ ନିମନ୍ତେ ଯୁଗ୍ମ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଶିବିରରେ ମୟୂରଭଞ୍ଜ ଜିଲାପାଳ ବିନୀତ୍ ଭରଦ୍ୱାଜ, ଏସ୍‌ପି ଅବିନାଶ କୁମାର ଯୋଗଦେଇ ସମୁଦାୟ ୧୫୦ ଅଭିଯୋଗର ଶୁଣାଣି କରିଛନ୍ତି। ସ୍ଥାନୀୟ ଉପଜିଲାପାଳ ଭଗବାନ ବେହେରା, ଉପଖଣ୍ଡ ପୋଲିସ ଅଧିକାରୀ କୃଷ୍ଣ ପ୍ରସାଦ ପଟ୍ଟନାୟକ, ପ୍ରକଳ୍ପ ପ୍ରଶାସକ ବିଧାନ ଚନ୍ଦ୍ର ରାୟ, ଉଦଳା ଡାକ୍ତରଖାନାର ଅଧୀକ୍ଷକ ଡା. ଶିବାନନ୍ଦ ମହାନ୍ତି, ସହକାରୀ ଜିଲାପାଳ ଗୌରହରି ମହାନ୍ତ ପ୍ରମୁଖ ଏହି ଶିବିରରେ ଯୋଗଦେଇଥିଲେ। ଏଥିରେ ଆଗତ ୧୫୦ ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ସମସ୍ୟାଭିତ୍ତିକ ୧୩୨, ସାମୂହିକ ୧୮ଟି ରହିଥିଲା। ଏଥିମଧ୍ୟରୁ ସିଏମ୍‌ଆରଏଫ୍ ୯ ଏବଂ ରେଡ୍‌କ୍ରସ ସମ୍ବନ୍ଧୀୟ ୨ଟି ଅଭିଯୋଗ ରହିଥିଲା। ତତ୍କାଳ ୪୨ଟି ଅଭିଯୋଗର ସମାଧାନ କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୩୦ ହଜାର ଓ ରେଡ୍‌କ୍ରସରୁ ୨ ଜଣଙ୍କୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଅଭିଯୋଗଗୁଡିକ ମଧ୍ୟରେ ସରକାରୀ ଯୋଜନାରେ ଗୃହ ନିର୍ମାଣ, ଭୂମିହୀନଙ୍କୁ ଜମି ପ୍ରଦାନ, ଜମି ଜବରଦଖଲ ଚିହ୍ନଟ, ଚିକିତ୍ସା ସହାୟତା ପ୍ରଦାନ ଆଦି ସମସ୍ୟା ରହିଥିବା ବେଳେ ଖାଦ୍ୟ ସୁରକ୍ଷା ଯୋଜନାରୁ ହିତାଧିକାରୀ ବାଦ୍ ପଡିବା, ବାର୍ଦ୍ଧକ୍ୟ ଭତ୍ତା ସମ୍ବନ୍ଧୀୟ ଅଭିଯୋଗ ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ଉଦଳା ଏବଂ ଖୁଣ୍ଟା ବିଡିଓଙ୍କ ସମେତ ଉପଖଣ୍ଡର ୪ ଗୋଟି ତହସିଲ୍‌ର ତହସିଲଦାର, ଶିକ୍ଷା, ଯୋଗାଣ, ଜନସ୍ୱାସ୍ଥ୍ୟ, ବନବିଭାଗ, ଗ୍ରାମ୍ୟ ଜଳ ଯୋଗାଣ, ପୂର୍ତ୍ତ ବିଭାଗ, ଏନ୍‌ଏସି, ବିଦ୍ୟୁତ୍, କୃଷି, ପ୍ରାଣୀ ଚିକିତ୍ସା, ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀଙ୍କ ସହ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ୍ ଚନ୍ଦ୍ର ବିନ୍ଧାଣୀ ଶିବିରରେ ଅଭିଯୋଗ ଉପସ୍ଥାପନାରେ ସହଯୋଗ କରିଥିବା ବେଳେ ଉପଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଆନୁଷଙ୍ଗିକ ସହଯୋଗ କରିଥିଲେ।

## ଟ୍ରକ ଦୁର୍ଘଟଣା

# ଡ୍ରାଇଭର ମୃତ

ବାଙ୍ଗିରିପୋଷି, ୨୯।୧୦ (ଡି.ଏନ.ଏ.)

ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦ୍ୱାରଶୁଣି ଘାଟିରେ ସୋମବାର ସକାଳେ ୨ ଟ୍ରକ ମଧ୍ୟରେ ଧକ୍କା ହୋଇ ଜଣେ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମଧ୍ୟପ୍ରଦେଶ ମକରହର ଅଞ୍ଚଳର ଚାଳକ ରାଜେନ୍ଦ୍ର କୁମାର ପାଲ। ଏହି ଦୁର୍ଘଟଣାରେ ଜଣେ ବାଇକ୍ ଚାଳକ ଶୁଳିଆପଦା ଥାନା ଝାଲିମରା ଗ୍ରାମର ସୁଶାନ୍ତ କୁମାର ସି ଗୁରୁତର ହୋଇଛନ୍ତି। କଲିକତା-ଗୁଜୁରାଟ ଅଭିମୁଖେ ଯାଉଥିବା ଏକ ଟ୍ରକ ଘାଟି ଉପରକୁ ଉଠୁଥିବା ବେଳେ ବିପରୀତ ଦିଗରୁ କଲିକତା ଅଭିମୁଖେ ଆସୁଥିବା ଅନ୍ୟ ଏକ ଟ୍ରକ ସହ ଧକ୍କା ହୋଇଥିଲା। ଘାଟି ଉପରକୁ ଯାଉଥିବା ଟ୍ରକର ପଛପଟରେ ଏକ ବାଇକ୍ ଯାଉଥିଲା। ଫଳରେ ବାଇକ୍ ଚାଳକ ସୁଶାନ୍ତ ଟ୍ରକରେ ବାଡେଇ ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ପିଆରଏମ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଘଟଣା ସ୍ଥଳରେ ବାଙ୍ଗିରିପୋଷି ପୋଲିସ ଓ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଟ୍ରକ ତଳେ ଚାପି ହୋଇଥିବା ରାଜେନ୍ଦ୍ରଙ୍କୁ ଉଦ୍ଧାର କରି ବାଙ୍ଗିରିପୋଷି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ପିଆରଏମ ମେଡିକାଲ କଲେଜ ପଠାଯାଇଥିବା ବେଳେ ସେଠାରେ ତାଙ୍କ ମୃତ୍ୟୁ ହୋଇଛି।

## ମାସେ ହେବ ସ୍କୁଲରେ ଅଚଳାବସ୍ଥା

# ପାଠପଢ଼ା ବନ୍ଦ: ଗ୍ରାମବାସୀଙ୍କ ବିକ୍ଷୋଭ

ଠାକୁରମୁଣ୍ଡା,୨୯।୧୦(ଡି.ଏନ.ଏ)

**୪୮ଘଣ୍ଟା ମଧ୍ୟରେ ସମାଧାନ ପ୍ରତିଶ୍ରୁତି**

ବିଭିନ୍ନ ସମସ୍ୟାକୁ ନେଇ ଠାକୁରମୁଣ୍ଡା ବ୍ଲକ ବାଉଁଶପାଣି ୟୁଜିୟୁପି ସ୍କୁଲରେ ଗତ ମାସେ ହେବ ଅଚଳାବସ୍ଥା ଲାଗି ରହିଛି। ଏଥିଯୋଗୁ ସ୍କୁଲ ବନ୍ଦ ରହିବା ସହ ଛାତ୍ରଛାତ୍ରୀଙ୍କ ପାଠ ପଢା ବନ୍ଦ ହୋଇଯାଇଛି। ପ୍ରତିବାଦରେ ବାଉଁଶପାଣି ଗ୍ରାମବାସୀ ସୋମବାର ଠାକୁରମୁଣ୍ଡା ବିଇଓ କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି। ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୪୧ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ହେଲେ ଶ୍ରେଣୀ ଗୃହ ଅଭାବରୁ ଛାତ୍ରୀଛାତ୍ର ଗଛ ମୂଳରେ ଓ ସ୍କୁଲ ବାରଣ୍ଡାରେ ପାଠ ପଢୁଛନ୍ତି। ନୂତନ ଶ୍ରେଣୀ ଗୃହପାଇଁ ସରକାରଙ୍କ ଅନୁଦାନ ଦେବା ସତ୍ତ୍ୱେ କାମ ନ ହେବା, ଶ୍ରେଣୀ ଗୃହ କାର୍ଯ୍ୟ ନ ହେବା,ପୁରୁଣା ଶ୍ରେଣୀ ଗୃହଗୁଡିକୁ ମରାମତି ନ କରିବା, ପାଇଖାନା ଗୃହକୁ ଚାବି ପକେଇ ରଖିବା ଫଳରେ ଛାତ୍ରଛାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର ଗ୍ରାମବାସୀ ଅଭିଯୋଗ କରିଥିଲେ। ଏ ବିଷୟରେ ଜିଲାପାଳ,ଉପଜିଲାପାଳ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ମାସେ ପୂର୍ବରୁ ଲିଖିତ ଭାବେ ଅବଗତ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଗ୍ରାମର ଶତାଧିକ ପୁରୁଷ ମହିଳା ଠାକୁରମୁଣ୍ଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ । ଠାକୁରମୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଅଭିମନ୍ୟୁ ସେଠୀ,ଠାକୁରମୁଣ୍ଡା ବିଡିଓ ବିଜୟ କୁମାର ନାୟକ ଓ ଠାକୁରମୁଣ୍ଡା ଥାନାଧିକାରୀ ଧିରେଶ କୁମାର ଦାସ ପହଞ୍ଚି ବିକ୍ଷୋଭରତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ପରେ ବିଇଓ ଅଭିମନ୍ୟୁ ସେଠୀ ୪୮ଘଣ୍ଟା ମଧ୍ୟରେ ସ୍କୁଲର ସମସ୍ୟା ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ବିକ୍ଷୋଭ ପ୍ରତ୍ୟାହାର କରିଥିଲେ।



ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା।

# ଦୁର୍ନୀତି ବିରୋଧରେ ବ୍ଲକ ଘେରାଉ

ବଡ଼ସାହି,୨୯।୧୦(ସ୍ୱ.ପ୍ର)

ରାଜ୍ୟ ସରକାରଙ୍କ ପିସି କାରବାର, ଦୁର୍ନୀତି, ଭ୍ରଷ୍ଟାଚାର ଓ ପ୍ରିୟାପ୍ରିତି ତୋଷଣ ବିରୋଧରେ ସୋମବାର ଭାଜପା ପକ୍ଷରୁ ବ୍ଲକ ଘେରାଉ କରାଯାଇଛି । ଭାଜପା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ମହାନ୍ତ, ବିଭୂତି ଭୂଷଣ ମହାନ୍ତ ଓ ଅଭୟ ମହାପାତ୍ରଙ୍କ ନେତୃତ୍ୱରେ ଏକ ବିଶାଳ ରାଲି ବ୍ୟାଙ୍କ ଛକଠାରୁ ବାହାରି ବଜାର ପରିକ୍ରମା କରିବା ପରେ ବ୍ଲକ ଘେରାଉ କରିଥିଲେ। ଭାଜପା ଜିଲା ଉପସଭାପତି ସୁନୀଲ କୁମାର ଦାଶଙ୍କ ନେତୃତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବଡ଼ସାହି ନିର୍ବାଚନ ମଣ୍ଡଳୀ ପ୍ରଭାରୀ ସୁବାସ ପ୍ରଧାନ, ଯୁବନେତା ଯାମିନୀକାନ୍ତ ନାଏକ, ଅର୍ଜ୍ଜୁନ ଦଳେଇ, ବୃନ୍ଦାବନ ଦାଶ, ସନାତନ ବିଜୁଳି, ମାନସ ବେହେରା ପ୍ରମୁଖ ଉପସ୍ଥିତ ରହି ରାଜ୍ଯ ସରକାରଙ୍କ ବିଫଳତା ସମ୍ପର୍କରେ ଆଲୋକପାତ କରିବା ସହିତ ତୀବ୍ର ସମାଲୋଚନା କରିଥିଲେ। ଶେଷରେ ଭାଜପାର ଜିଲା ଯୁବମୋର୍ଚ୍ଚା ଉପସଭାପତି ଭବାନୀ ଶଙ୍କର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




ଭାଜପା ପକ୍ଷରୁ ବ୍ଲକ ଘେରାଉ

# ସରିଲା ସେତୁ: ଘୁଞ୍ଚିବ ଅଞ୍ଚଳବାସୀଙ୍କ ଦୁଃଖ

ଉଦଳା,୨୯।୧୦(ଡି.ଏନ.ଏ.)



ନୂତନ ଭାବେ ସୋନ ନଦୀ ଉପରେ ନିର୍ମିତ ସେତୁ।

- ଉପକୃତ ହେବେ ଶତାଧିକ ପରିବାର
- ତେଲଦିହୁଡି-ଡିମଗଡ଼ିଆ ଗ୍ରାମକୁ ସଂଯୋଗୀକରଣ
- ବାଧକ ସାଜିଥିଲା ସୋନ ନଦୀ

ଉଦଳା ବ୍ଲକ ଅଧୀନ ତେଲଦିହୁଡିଠାରୁ ଡିମଗଡିଆ ଗ୍ରାମକୁ ରାସ୍ତା ସଂଯୋଗୀକରଣ ନିମନ୍ତେ ଦୀର୍ଘଦିନ ହେଲା ବାଧକ ସାଜିଥିଲା ସୋନ ନଦୀ । ବର୍ଷାଦିନେ ଏହି ଅଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡୁଥିଲା। ତେଣୁ ଏହା ଉପରେ ସେତୁ ନିର୍ମାଣ ନିମନ୍ତେ ଅଞ୍ଚଳବାସୀ ଦୀର୍ଘଦିନ ହେବ ଦାବି କରି ଆସୁଥିଲେ। ଏହାପରେ ୨୦୧୬ ନଭେମ୍ବର ୨୭ ତାରିଖରେ ଏହି ନଦୀ ଉପରେ ପୋଲ ନିର୍ମାଣ ଆରମ୍ଭ ହୋଇ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହୋଇଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ଖୁସି କହିଲେ ନ ସରେ।

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ତେଲଦିହୁଡି, ଡିମଗଡିଆ ସମେତ ଗୋପବନ୍ଧୁନଗର ବ୍ଲକ ବରଡିହି ପଞ୍ଚାୟତ ଅଧିବାସୀଙ୍କ ପାଇଁ ଏହି ସେତୁ ହେବା ଦ୍ୱାରା ଯାତାୟାତରେ ବିଶେଷ ସୁବିଧା ହେବ। ଏତଦ୍ ବ୍ୟତୀତ ସିଧାସଳଖ ଗ୍ରାମାଞ୍ଚଳଗୁଡିକୁ ଏହି ସେତୁ ଦ୍ୱାରା ସଂଯୋଗ ହୋଇପାରିବ। ତା'ଛଡା ବାଲେଶ୍ୱର ଜିଲାର ରାଜବରହମ୍ପୁର, ନୀଳଗିରିକୁ ଯାତାୟାତ ପାଇଁ ସୁବିଧା ହେବ ବୋଲି ବିଭାଗୀୟ ଏସ୍‌ଡିଓ ସତ୍ୟବ୍ରତ ନାୟକ କହିଛନ୍ତି। ଏହି ସେତୁ କାର୍ଯ୍ୟ ସମାପନ ହେବା ଦ୍ୱାରା ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱଜନସାଧାରଣ ଉପକୃତ ହେବେ ବୋଲି ବିଭାଗୀୟ ଯନ୍ତ୍ରୀ ପ୍ରକାଶ ରଞ୍ଜନ ଦାସ ସୂଚନା ଦେଇଛନ୍ତି । ୨୦୧୬ ନଭେମ୍ବର ୨୭ ତାରିଖରେ ସ୍ଥାନୀୟ ବିଧାୟକ ଗୋଲକ ବିହାରୀ ନାଏକ ଏହି ଦୁଇ ଗ୍ରାମକୁ ସଂଯୋଗୀକରଣ ନିମନ୍ତେ ଉଦଳା-ତେଲଦିହୁଡି-ଡିମଗଡିଆ ରାସ୍ତାରେ ଥିବା ସୋନ ନଦୀ ଉପରେ ବିଜୁ ସେତୁ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଗ୍ରାମକୁ ସଂଯୋଗୀକରଣ ନିମନ୍ତେ ସୋନ ନଦୀ ଉପରେ ବିଜୁ ସେତୁ ଯୋଜନାରେ ସେତୁ ନିର୍ମାଣ ହୋଇଥିଲା । ୨୦୧୮ ନଭେମ୍ବର ୨୫ ପୂର୍ବରୁ ଏହି ସେତୁ କାର୍ଯ୍ୟ ସମାପିତ ହେବାର ସମୟ ସୀମା ଧାର୍ଯ୍ୟ କରାଯାଇଥିଲା । ହେଲେ ନିର୍ଦ୍ଧାରିତ ଅବଧି ପୂର୍ବରୁ ୮ କୋଟି ୩୬ ଲକ୍ଷ ୧୦ ହଜାର ୪୨୨ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ସେତୁ କାର୍ଯ୍ୟ ଶେଷ ହୋଇଥିବାରୁ ଅଞ୍ଚଳବାସୀ ବେଶ୍ ଖୁସି ଅଛନ୍ତି। ଏହି ସେତୁ ଦ୍ୱାରା ଉପକୃତ ହେବେ ୨ଟି ଗ୍ରାମର ଶତାଧିକ ପରିବାର।

ଏହା ସହିତ ବିଭିନ୍ନ ସମୟରେ ସୋନ ନଦୀରେ ବନ୍ୟାଜଳ ଆସିବା ଦ୍ୱାରା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ରହୁଥିବା ଗ୍ରାମଗୁଡିକର ଜନସାଧାରଣଙ୍କୁ ଆଉ ପୂର୍ବ ଅବସ୍ଥା ଭୋଗିବାକୁ ପଡିବ ନାହିଁ ବୋଲି ତେଲଦିହୁଡି ଗ୍ରାମର ବାସିନ୍ଦା କୁଳମଣି ଚୌଧୁରୀ ପ୍ରକାଶ କରିଛନ୍ତି । ସେହିପରି ଉକ୍ତ ଗ୍ରାମର ତ୍ରିଲୋଚନ ବେହେରା, ସନ୍ତୋଷ ବେହେରା, କୁଳମଣି ବେହେରା ଏହି ସେତୁ ନିର୍ମାଣର କାର୍ଯ୍ୟ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହୋଇଥିବାରୁ ଖୁସି ବ୍ୟକ୍ତ କରିଛନ୍ତି। ତେବେ ଏହି ସେତୁ କୃଷି, ଗମନାଗମନ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖୁବ୍ ସହାୟକ ହେବ। ଏହି ନୂତନ ସେତୁର ଉଦ୍‌ଘାଟନୀ ପର୍ବକୁ ଅଞ୍ଚଳବାସୀ ବହୁଦିନରୁ ଅପେକ୍ଷା କରିଥିବା ଲକ୍ଷ୍ମୀନାରାୟଣ ବେହେରା କହିଛନ୍ତି ।

## ସଂକ୍ଷେପରେ

### ବାଇକ୍ ନେଲା ବ୍ୟକ୍ତିଙ୍କ ଜୀବନ

**ଘସିପୁରା/ଆନନ୍ଦପୁର, ୨୯।୧୦(ସ୍ୱ.ପ୍ର.):** ରାମଚନ୍ଦ୍ରପୁର ଥାନା ଅଲତି ଛକଠାରେ ବାଇକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇ କଟକ ସ୍ଥାନାନ୍ତର ହୋଇଛନ୍ତି। ଆନନ୍ଦପୁର ଥାନା ଜଙ୍ଘାର ଗ୍ରାମର ଜଗନ୍ନାଥ କିଷାନ ଅଲତି ଅଞ୍ଚଳରେ ଥିବା ଏକ ବିଦ୍ୟାଳୟରେ ନିଜ ପିଲାକୁ ଛାଡି ଘରକୁ ଫେରୁଥିଲେ। ସେହି ସମୟରେ ଅଲତି ଛକ ନିକଟରେ ତାଙ୍କ ବାଇକ୍ ଜଣେ ବୟସ୍କ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ସେହି ଗ୍ରାମର ଲକ୍ଷ୍ମୀଧର ମହାରଣା(୫୦)ଙ୍କ ମୃତ୍ୟୁ ହୋଇଛି। ବାଇକ୍ ଆରୋହୀ ଜଗନ୍ନାଥଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ରାମଚନ୍ଦ୍ରପୁର ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

### ହାତୀପଲକୁ ହଇରାଣ କରି ୩ ଗିରଫ

**କେନ୍ଦୁଝର/ଚମ୍ପୁଆ, ୨୯।୧୦ (ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଞ୍ଚଳରେ ହାତୀଙ୍କ ସହ ଭିଡିଓ ଉଠାଇବା ଘଟଣାକୁ ନେଇ ୩ ଯୁବକ ସୋମବାର ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ସେମାନେ ହେଲେ ରଜିଆ ଗ୍ରାମର ଦେବାଶିଷ ବେହେରା, ମଲାଣଗୁଡାର ମହମ୍ମଦ ଇସମାଇଲ ଓ ଅବଦୁଲ ହଲିମ। ସେମାନେ କିଛି ଦିନ ତଳେ ରଜିଆ ପାଖ ଜଙ୍ଗଲରେ ରହୁ ଥିବା ଏକ ହାତୀପଲକୁ ବିଭିନ୍ନ ପ୍ରକାରର ହଇରାଣ ହରକତ କରିଥିଲେ। ହାତୀମାନଙ୍କ ଲାଞ୍ଜ ଟଣାଟଣି କରିବା ସହ ବାଡିରେ ପିଟାପିଟି କରୁଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ପ୍ରଚାର ହେବା ପରେ ବନ ବିଭାଗ ଏଭଳି ପଦକ୍ଷେପ ନେଇଛି। ଏ ନେଇ ଡିଏଫଓ ସନ୍ତୋଷ ଯୋଶୀ କହିଛନ୍ତି ଯେ, ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ରେ ସେମାନଙ୍କୁ ଗିରଫ କରାଯାଇଛି।

### ବେକରେ ଫାଶୀ ଲଗାଇ ଆତ୍ମହତ୍ୟା

**ବଡ଼ବିଲ, ୨୯।୧୦(ସ୍ୱ.ପ୍ର.):** ବଡ଼ବିଲରେ ସୋମବାର ଜଣେ ବ୍ୟକ୍ତି ଘରୋଇ କଳହକୁ କେନ୍ଦ୍ରକରି ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣଙ୍କ ହେଲେ ପିଏଚଡି ରୋଡ୍ ବାଗିଆବୁରୁ ଅଞ୍ଚଳରେ ରହୁଥିବା ଚମ୍ପୁଆ ଥାନା ସରେଇ ଗ୍ରାମର ଶ୍ରୀକାନ୍ତ ସାହୁ(୩୦)। ଶ୍ରୀକାନ୍ତ ଏକ ହାର୍ଡୱେୟାର ଦୋକାନରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। କୌଣସି କାରଣକୁ ନେଇ ତାଙ୍କ ସ୍ତ୍ରୀଙ୍କ ସହ କଳହ ହୋଇଥିଲା। ମାନସିକ ଭାରସାମ୍ୟ ହରାଇ ଶ୍ରୀକାନ୍ତ ଘରେ ଥିବା ଫ୍ୟାନରେ ଏକ ସାଲ ସାହାଯ୍ୟରେ ଫାଶି ଲଗାଇ ଝୁଲି ପଡିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ କବାଟ ଭାଙ୍ଗି ଶ୍ରୀକାନ୍ତଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି।

### ଡମ୍ଫର ଲୁଟ୍ ଉଦ୍ୟମ, ୩ ଗିରଫ

**ଯୋଡ଼ା, ୨୯।୧୦(ଡି.ଏନ.ଏ.):** ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଲହଣ୍ଡା ଗ୍ରାମରେ ଡ୍ରାଇଭରଙ୍କୁ ମାଡ଼ମାରି ଡମ୍ଫର ଲୁଟ୍ ଉଦ୍ୟମ ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶନିବାର ବିଳମ୍ବିତ ରାତିରେ ୪ ଦୁର୍ବୃତ୍ତ ଲହଣ୍ଡା ଗ୍ରାମ ବନେଇକଳାର ଦୀନେଶ ରାୟଦିନଙ୍କ ଡ୍ରାଇଭରଙ୍କୁ ମାଡ଼ମାରି ଡମ୍ଫରକୁ ଲୁଟ୍ ଉଦ୍ୟମ କରିଥିଲେ। ଏ ନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ବିଲେଇପଦା ପୋଲିସ ଦୁର୍ବୃତ୍ତମାନଙ୍କ ପିଛାକରି ଡମ୍ଫର ଲୁଟ୍‌ର ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ଡମ୍ଫରକୁ ଜବତ କରିଥିଲା। ଅନ୍ୟ ୩ ଦୁର୍ବୃତ୍ତଙ୍କୁ ପୋଲିସ କାବୁ କରିଥିଲା। ସେମାନେ ହେଲେ ଯୋଡା ଉଲୀ ହଟିଂର ମଙ୍ଗଲ ମୁଣ୍ଡା ଓ ପ୍ରଭାତ ପିଙ୍ଗୁଆ, ଝୁମ୍ପୁଡି ହଟିଂର ଦୀପକ ମୁଣ୍ଡା ବୋଲି ବିଲେଇପଦା ଫାଣ୍ଡି ଅଧିକାରୀ ନରେଶ କୁମାର ଦାସ ସୂଚନା ଦେଇଛନ୍ତି।

### ବିଜୟଙ୍କୁ ବ୍ରୋଞ୍ଜ ପଦକ

**ତେଲକୋଇ, ୨୯।୧୦(ଡି.ଏନ.ଏ.):** କଟକ ନେହରୁ ଷ୍ଟାଡିୟମରେ ଖେଳାଯାଇଥିବା ଅଲ ଇଣ୍ଡିଆ କରାଟେ (ସିନିୟର) ପ୍ରତିଯୋଗିତାରେ ତେଲକୋଇ ବ୍ଲକର ଓରିଆ ପଞ୍ଚାୟତ ବାଲିସାହିର ଆଦିବାସୀ ଯୁବକ ବିଜୟ କୁମାର ମୁଣ୍ଡାଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ବ୍ଲକ ଓ ପଞ୍ଚାୟତବାସୀଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ଯୁବକ ଜଣଙ୍କ ବାଲେଶ୍ୱର ଜିଲାର ଉତ୍କଳ କରାଟେ ସ୍କୁଲରୁ ସଫଳତା ପାଇ ଅଲ ଇଣ୍ଡିଆ କରାଟେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଷ୍ଟାଡିୟମର ସେକ୍ରେଟାରୀ ଆଦିତ୍ୟ ମିଶ୍ର ତାଙ୍କୁ ପୁରସ୍କୃତ କରିଥିଲେ।

# ପାଣିରେ ପଡ଼ିଲା ଲକ୍ଷାଧିକ ଟଙ୍କା

**କେନ୍ଦୁଝର, ୨୯।୧୦(ସ୍ୱ.ପ୍ର.)**


ଜେଲ ପାଚେରି ନିକଟରେ ନିର୍ମାଣ ହୋଇଥିବା ଭେଣ୍ଡିଂ ଜୋନ୍।

- ଭେଣ୍ଡିଂ ଜୋନ୍ ନିର୍ମାଣରେ ଅନିୟମିତତା
- ବ୍ୟାପକ ଅର୍ଥ ହେର୍‌ଫେର ଅଭିଯୋଗ
- ଭିଜିଲାନ୍ସ ତଦନ୍ତ କରିବାକୁ ଦାବି

କେନ୍ଦୁଝର ସହରରେ ଭେଣ୍ଡିଂ ଜୋନ୍ ନିର୍ମାଣରେ ବ୍ୟାପକ ଅର୍ଥ ହେର୍‌ଫେର ହୋଇଛି। ରାଜସ୍ୱ ବିଭାଗର ବିନା ଅନୁମତିରେ ସରକାରୀ ଜମିରେ ଭେଣ୍ଡିଂ ଜୋନ୍ ସ୍ଥାପନ ହୋଇଥିବାରୁ ଲକ୍ଷାଧିକ ଟଙ୍କା କ୍ଷତି ହେଉଛି। ଏଣେତେଣେ ଭେଣ୍ଡିଂ ଜୋନ୍ ନିର୍ମାଣ ଓ ନିମ୍ନମାନର କାମ ଯୋଗୁ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଫଳରେ କମ୍ ଦିନରେ ସେସବୁ ନଷ୍ଟ ହୋଇଯିବ। ପୌରପାଳିକାର ମନମାନି ପାଇଁ ନିର୍ମାଣ ହୋଇଥିବା ଭେଣ୍ଡିଂ ଜୋନ୍ ଉଚ୍ଛେଦ ହେବ। ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିଲା ବୋଲି ଆଲୋଚନା ହେଉଛି। ରାଜସ୍ୱ ଓ ପୌର ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ବେଆଇନ ନିର୍ମାଣ ହୋଇଛି। କେଉଁଠି ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି ତ ଆଉ କେଉଁଠି ଡ୍ରେନେଜ୍ ସମସ୍ୟା ଦେଖାଦେଉଛି। କୌଣସି ଅନିୟମିତତା ହୋଇ ନ ଥିବା ପୌରପାଳିକା ପ୍ରଶାସନ କହୁଥିବାରୁ ଏହାର ତଦନ୍ତ କରିବାକୁ ଦାବି ହେଉଛି।

ଜିଲା କାରାଗାର ନିକଟରେ ବେଆଇନ ଭାବେ ଭେଣ୍ଡିଂ ଜୋନ୍ ନିର୍ମାଣକୁ ନେଇ ବିବାଦ ଦେଖାଦେଇଛି। ବିନା ରାଜସ୍ୱ ବିଭାଗ ଓ ଜେଲ ବିଭାଗ ଅନୁମତିରେ ପୌରପାଳିକା ପକ୍ଷରୁ ମନମୁଖି କରି ଜେଲ ପାଚେରି କଡ଼ରେ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଜେଲ କର୍ତ୍ତୃପକ୍ଷ ଜିଲା ପ୍ରଶାସନକୁ ୨ ମାସ ହେଲା ଲିଖିତ ଭାବେ ଜଣାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଜେଲର ସୁରକ୍ଷା ପ୍ରଶାସନର ବେପରୁଆ ମନଭାବକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ପୌରପାଳିକାକୁ ଆଦେଶ କରାଯିବା ସମସ୍ତଙ୍କୁ ଚକିତ କରିଛି। କୌଣସି ଅଘଟଣ ହେଲେ ପ୍ରଶାସନ ଦାୟୀ ରହିବେ ବୋଲି ମତପ୍ରକାଶ ପାଉଛି। ଅନ୍ୟପକ୍ଷରେ ଏଭଳି ଭେଣ୍ଡିଂ ଜୋନ୍ ନିର୍ମାଣକୁ ନେଇ ଉଚ୍ଚସ୍ତରୀୟ ବା ଭିଜିଲାନ୍ସ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

# ବଡ଼ବିଲରେ କ୍ୟାମ୍ପ କୋର୍ଟ: ୭ ଜଣଙ୍କୁ ଜାମିନ

**ବଡ଼ବିଲ, ୨୯।୧୦(ସ୍ୱ.ପ୍ର.)**

ବଡ଼ବିଲସ୍ଥିତ ସବ୍‌ଜେଲରେ ସୋମବାର କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ୭ ଅନ୍ତେବାସୀ ଜାମିନ୍‌ରେ ମୁକୁଳିଥିବା ନେଇ ବଡବିଲ ଜେଲର ଏସ ବେଉରା କହିଛନ୍ତି। ସୋମବାର ପୂର୍ବାହ୍ନରେ ମାଜିଷ୍ଟ୍ରେଟ ଜେଲ ପରିଦର୍ଶନରେ ଆସି କ୍ୟାମ୍ପ କୋର୍ଟ କରିଥିଲେ। ଛୋଟ ଘଟଣାରେ ଗିରଫ ହୋଇ ସବଜେଲରେ କେତେକ ଜଣ ରହିଥିଲେ। ବଡବିଲ ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁଁ ଜାମିନ୍ ମିଳିପାରି ନ ଥିଲା। ଓଡିଶା ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶକ୍ରମେ ବଡବିଲ ସବଜେଲରେ ଜାମିନ ଆବେଦନ ଉପରେ ବିଚାର ପାଇଁ କ୍ୟାମ୍ପ କୋର୍ଟର ଆୟୋଜନ କରାଯାଇଥିଲା। ଅନ୍ତେବାସୀଙ୍କ ଗୁହାରି ଶୁଣିବା ପରେ ମାଜିଷ୍ଟ୍ରେଟ ୭ ଅନ୍ତେବାସୀଙ୍କ ଜାମିନ ମଞ୍ଜୁର କରିଥିଲେ।

# ଲକ୍ଷ୍ମୀପୂଜାରେ ଜମିଲା ସାଂସ୍କୃତିକ କାର୍ଯ୍ୟକ୍ରମ


ମଞ୍ଚରେ ଉପସ୍ଥିତ ବୀଣାପାଣିର କଳାକାରମାନେ।

**ଆନନ୍ଦପୁର,୨୯।୧୦(ସ୍ୱ.ପ୍ର.)**

ଆନନ୍ଦପୁରର ଶାଳପଡା ରଘୁନାଥପୁର ଶାସନରେ ଲକ୍ଷ୍ମୀପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଜମିଥିଲା। ସ୍ଥାନୀୟ ବିଣାପାଣି କଳାନିକେତନର ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ କଳାକାରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଲକ୍ଷ୍ମୀ ସ୍ତୁତୀ ପରେ ଦଳଗତ ନୃତ୍ୟକୁ ଉପସ୍ଥାପନା କରିଥିଲେ ନୃତ୍ୟଗୁରୁ ଜିତୁ ଦାଶ, ଅଭିନେତା ମାନସ ସାହୁ , ଦେବାଙ୍ଗି ସେନାପତି, ପଦ୍ମଜା ଦାଶ, ଟୁଇଙ୍କିଲ୍ ସାହୁ, ଇତିଶ୍ରୀ ଓଝା, ସୋନିଆ ଦାଶଙ୍କ ସମେତ ୪୦ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ।

ଲକ୍ଷ୍ମୀପୂଜା କମିଟି ପକ୍ଷରୁ ନିର୍ମଳ ଚନ୍ଦ୍ର ମିଶ୍ର, ଗୟାଧର ପତି ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କମିଟିର ସଭ୍ୟ ସଞ୍ଜୟ ସତପଥୀ, ଦେବେନ୍ଦ୍ର ଦାଶ, ସାଇରଞ୍ଜନ ପଟ୍ଟନାୟକ, ସୁନୀଲ କୁମାର, ଅକ୍ଷୟ ଦାଶ, ସରୋଜ ମିଶ୍ର, ଫନେନ୍ଦ୍ର ମିଶ୍ର, ବୁବୁ ଦାଶ, ବାଞ୍ଛାନିଧି ପତି, ରଘୁନାଥ ଦାଶ, ବୁବୁ ମିଶ୍ର, ଯଦୁନାଥ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଡଷ୍ଟବିନ୍ କିଣାରେ ଅନିୟମିତତା

**କେନ୍ଦୁଝର, ୨୯।୧୦(ସ୍ୱ.ପ୍ର.)**



ସହରରେ ବସା ଯାଇଥିବା ଡଷ୍ଟବିନ।

କେନ୍ଦୁଝର ଜିଲା ମୁଖ୍ୟାଳୟରେ ଡଷ୍ଟବିନ କିଣା ଓ ବିଭିନ୍ନ ସ୍ଥାନରେ ସ୍ଥାପନାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଡଷ୍ଟବିନ କିଣାରେ କେନ୍ଦୁଝର ପୌରପାଳିକାରେ ଗତ ୧୦ ବର୍ଷ ମଧ୍ୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ମାତ୍ର ପୁରୁଣା ଡଷ୍ଟବିନ ଗୁଡିକର ହିସାବ ମିଳୁ ନ ଥିବା ବେଳେ ପୁଣି ଲକ୍ଷାଧିକ ଟଙ୍କାର ଡଷ୍ଟବିନ କିଣାଯାଇ ସହରର ବିଭିନ୍ନ ସ୍ଥାପନା କରାଯିବା ଘଟଣାକୁ ନାନା ପ୍ରଶ୍ନ ଉଙ୍କି ମାରୁଛି। ବିଭିନ୍ନ ସ୍ଥାନରେ ନିମ୍ନମାନର ଡଷ୍ଟବିନ ବସା ଯାଇଛି। ଡଷ୍ଟବିନ ଗୁଡିକ ଠିକ ଭାବରେ ବସାଯାଇନି। ଅନେକ ସ୍ଥାନରେ ଡଷ୍ଟବିନ ଗୁଡିକରେ ମଇଳା ଆବର୍ଜନା ନିୟମିତ ସଫେଇ ହେଉନାହିଁ। ଡଷ୍ଟବିନ କିଣା ଓ ସ୍ଥାପନାରେ ବହୁ ଅର୍ଥ ହେରଫେର ହୋଇଥିବା ନେଇ ତଦନ୍ତ ଭିଜିଲାନ୍ସ ବିଭାଗ କରିବାକୁ ଦାବି ହେଉଛି।

ସ୍ୱଚ୍ଛ ଭାରତ ଅଭିଯାନ ଆଳରେ ପୌରପାଳିକା ପକ୍ଷରୁ ବହୁ ସଂଖ୍ୟାରେ ଡଷ୍ଟବିନ କିଣାଯାଇ ବିଭିନ୍ନ ୱାର୍ଡରେ ସ୍ଥାପନା କରାଯାଇଛି। ଅନେକ ସ୍ଥାନରେ ସ୍ଥାପନା କରାଯାଇଥିବା ଡଷ୍ଟବିନ ବିପର୍ଯ୍ୟସ୍ତ ଭାବେ ରହିଛି। ପୂର୍ବରୁ ଅନୁରୂପ ଭାବରେ ଡଷ୍ଟବିନ କିଣାଯାଇ ଏଣେତେଣେ ସ୍ଥାପନା କରାଯାଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ସେସବୁ ନଷ୍ଟ ହୋଇଗଲା। ନଷ୍ଟ ହୋଇଯାଇଥିବା ଡଷ୍ଟବିନ ଗୁଡିକୁ ନିୟମାନୁଯାୟୀ ପୌରପାଳିକା ନିଜ ଅକ୍ତିଆରକୁ ନେବା କଥା। ତାହା କରା ନ ଯାଇ ଏବେ ପୁଣି ଡଷ୍ଟ ବିନା କିଣା ଯାଇ ସ୍ଥାପନା କରାଯିବା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ବରିଷ୍ଠ ନାଗରିକ ପରିଷଦର ବୈଠକ

**ଘସିପୁରା, ୨୯।୧୦**

ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଆଞ୍ଚଳିକ ସମସ୍ୟାକୁ ନେଇ ରବିବାର ପଦ୍ମପୁର ଗେଟଛକସ୍ଥିତ ସହଦେବ ଭବନ ପରିସରରେ ବରିଷ୍ଠ ନାଗରିକ ପରିଷଦ ଦ୍ୱାରା ଏକ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ମହେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାସ୍ତାଘାଟ, ସ୍ୱଚ୍ଛତା, ସ୍ୱାସ୍ଥ୍ୟ ପ୍ରମୁଖ ଆଞ୍ଚଳିକ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା।

ଆଲୋଚନାରେ ବରିଷ୍ଠ ନାଗରିକ ପରିଷଦର ଅରୁଣ କୁମାର ମହାନ୍ତି, ରାମଚନ୍ଦ୍ର ଜେନା, ବିନୋଦ ବିହାରୀ ଦାଶ, ସହଦେବ ସାହୁ, କୀର୍ତ୍ତନ ବିହାରୀ ସାହୁ, ଦୁର୍ଯ୍ୟୋଧନ ନନ୍ଦି, କମଳିନୀ ମହାନ୍ତି, ମଧୁସୂଦନ ମିଶ୍ର, ଅଭିନ୍ନ କୁମାର ସାହୁ, ହରିଶ୍ଚନ୍ଦ୍ର ମହାପାତ୍ର, ବିନୋଦ ବିହାରୀ ମିଶ୍ର, ସାରଥି ରାମ, ସୁରେଶ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କବି ରଘୁନାଥ ପଣ୍ଡିତ ଧନ୍ୟବାଦ ପ୍ରଦାନ କରିଥିଲେ।

■ ପୋଲିସକୁ ଆକ୍ରମଣ ମାମଲା

# ଦେବାଶିଷଙ୍କ ସମେତ ୯ ଜଣଙ୍କୁ ଜାମିନ୍

**ଆନନ୍ଦପୁର, ୨୯।୧୦(ସ୍ୱ.ପ୍ର.)**

ରାମଚନ୍ଦ୍ରପୁର ଥାନା ପଦନା ଛକରେ ପୋଲିସ ଉପରକୁ ଆକ୍ରମଣ ମାମଲାରେ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ପୁଅ ଦେବାଶିଷଙ୍କ ସମେତ ଅନ୍ୟ ୯ ଜଣଙ୍କୁ ଜାମିନ ମିଳିଛି। ଉକ୍ତ ମାମଲାର ଶୁଣାଣି ନିମନ୍ତେ କେନ୍ଦୁଝର ବିଚାର ବିଭାଗୀୟ ହାଜତରେ ଥିବା ଦେବାଶିଷ ଏବଂ ଆନନ୍ଦପୁର ବିଚାର ବିଭାଗୀୟ ହାଜତରେ ଥିବା ପଦନା ଗ୍ରାମର କାଳନ୍ଦୀ ସାହୁ, ବାବୁ ସାହୁ, ନିକୁଞ୍ଜ ସାହୁ, ମନମଥ ସାହୁ, ହୃଷୀକେଶ ରାଉତ, ପରିକ୍ଷିତ ସାହୁ, ପ୍ରତାପ ସାହୁ ଏବଂ ରାମଚନ୍ଦ୍ରପୁର ଗ୍ରାମର ସୋମନାଥ ବେହେରାଙ୍କୁ ଆନନ୍ଦପୁର କୋର୍ଟରେ ହାଜର କରାଯାଇଥିଲା। ରାମଚନ୍ଦ୍ରପୁର ଥାନାରେ ରୁଜୁ ହୋଇଥିବା କେସ୍ ନଂ ୧୩୮/୧୮ର ଆନନ୍ଦପୁର କୋର୍ଟରେ ବିଚାର କରାଯାଇ ଜାମିନ୍ ମଞ୍ଜୁର ହୋଇଛି। ଦେବାଶିଷଙ୍କ ନାମରେ ଥିବା ଆଉ ଦୁଇ ଗୋଟି ମାମଲାର ଜାମିନ ଶୁଣାଣି ଶେଷ ହୋଇ ନ ଥିବାରୁ ତାଙ୍କୁ କେନ୍ଦୁଝର ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

ଅନ୍ୟପଟେ ଇଞ୍ଜୁରି ରିପୋର୍ଟ ଦାଖଲ ହୋଇ ନ ଥିବାରୁ ଘସିପୁରା ଥାନାରେ ରୁଜୁ ହୋଇଥିବା ମାମଲା ନଂ.୧୮୧/୧୮ ତଥା ଜିଆର(ଜିଏନ) ୨୯୦/୧୮ର ବିଚାର କରି ଆନନ୍ଦପୁର କୋର୍ଟ ଗତ ୧୨।୧୦।୧୮ରେ ଦେବାଶିଷଙ୍କ ଜାମିନ ଆବେଦନ ଶୁଣାଣି ୨୯।୧୦।୧୮କୁ ଘୁଞ୍ଚାଇଥିଲେ। ଘସିପୁରା ପୋଲିସ ପକ୍ଷରୁ ଆନନ୍ଦପୁର କୋର୍ଟରେ ଇଞ୍ଜୁରି ରିପୋର୍ଟ ଦାଖଲ କରି ନ ଥିବାରୁ ଦେବାଶିଷଙ୍କ ସମେତ ଅନ୍ୟ ୫ ଜଣଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତା ନଭେମ୍ବର ୩ରେ ହେବ ବୋଲି ସୂଚନା ମିଳିଛି।

# ଏସ୍‌ଏଆଇ ଇଲେଭେନ, ଭିଜିଏଚ୍ ବିଜୟୀ

**ବଡ଼ବିଲ, ୨୯।୧୦(ସ୍ୱ.ପ୍ର.)**

ବଡବିଲ ଗାନ୍ଧୀ ଷ୍ଟାଡିୟମରେ ରବିବାରଠାରୁ ବିସିସି ଦ୍ୱାରା ଆରମ୍ଭ ହୋଇଥିବା ବଡବିଲ ପ୍ରିମିୟର ଲିଗ୍ (ବିପିଏଲ) କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଦ୍ୱିତୀୟ ଦିନରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ସୁମିତ୍ ଇଲେଭେନ ବନାମ ସାମଲ ଅଟୋ ଇଣ୍ଡିଆ(ଏସ୍‌ଏଆଇ) ଇଲେଭେନ୍ ଏବଂ ଅପରାହ୍ନରେ ବିନାୟକ ଗିଫ୍ଟ ହାଉସ୍(ଭିଜିଏଚ୍) ବନାମ ଏଜେଫିଟନେସ୍ (ଏଜେଏଫ୍) ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

ଏସ୍‌ଏଆଇ ୪ ୱିକେଟ ହରାଇ ମାତ୍ର ୧୪ ଓଭର ୧ ବଲରେ ୯୧ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଏସ୍‌ଏଆଇ ଟିମର ଖେଳାଳୀ ରାଜା ସିଂହ ବ୍ୟାଟିଂ କରି ୩୫ ରନ୍, ୨ଟି ଛକ୍କା, ୩ଟି ଚୌକା ମାରିବା ସହ ଏକ ବଳିଷ୍ଠ କ୍ୟାଚ୍ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ। ଅପରାହ୍ନରେ ଅନୁଷ୍ଠିତ ମ୍ୟାଚ୍‌ରେ ଭିଜିଏଚ୍ ଓ ଏଜେଏଫ୍ ମଧ୍ୟରେ ଖେଳ ହୋଇଥିଲା। ଭିଜିଏଚ୍ ୧୪ ଓଭର ଖେଳି ଗୋଟିଏ ୱିକେଟ ହରାଇ ୧୦୧ ରନର କରି ବିଜୟ ହୋଇଥିଲା। ଚନ୍ଦ୍ରକାନ୍ତ ଦାସ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥଲେ।

# ଓକିଲଙ୍କ ଆନ୍ଦୋଳନ ତୀବ୍ର


ଜିଲା କୋର୍ଟ ସମ୍ମୁଖରେ ଆଇନଜୀବୀଙ୍କ ଆନ୍ଦୋଳନ।

**କେନ୍ଦୁଝର, ୨୯।୧୦(ସ୍ୱ.ପ୍ର.)**

କଟକରେ ଜଣେ ଓକିଲଙ୍କୁ ଆକ୍ରମଣ ପ୍ରତିବାଦରେ ଓକିଲଙ୍କ ଆନ୍ଦୋଳନ ଜାରି ରହିଛି। ବିଜେଡିର ଆଇନଜୀବୀ ସାମ୍ମୁଖ୍ୟ ପକ୍ଷରୁ ଆନ୍ଦୋଳନ ପ୍ରତ୍ୟାହୃତ ନିଷ୍ପତ୍ତି ପରେ ଓକିଲମାନଙ୍କ ଆନ୍ଦୋଳନ ଜୋରଦାର ହୋଇଛି। ସୋମବାର ଓକିଲମାନେ ଜଜମାନଙ୍କୁ କୋର୍ଟକୁ ଯିବାକୁ ଦେଇ ନ ଥିଲେ। ଆନ୍ଦୋଳନକାରୀ ଓକିଲମାନେ କୋର୍ଟ ବନ୍ଦ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆନ୍ଦୋଳନରୁ ଓହରିଯାଇଥିବା ଓକିଲମାନଙ୍କୁ ଆନ୍ଦୋଳନକାରୀ ତୀବ୍ର ସମାଲୋଚନା କରିଥିଲେ। ସେମାନେ ସଂଘରୁ ମଧ୍ୟ ଇସ୍ତଫା ଦେଇଦିଅନ୍ତୁ ବୋଲି କହିଥିଲେ। ଓକିଲମାନଙ୍କ ସ୍ୱାଭିମାନକୁ କୁଠାରଘାତ କରି ଏଭଳି ନିଷ୍ପତ୍ତି ଏବଂ ଆନ୍ଦୋଳନର ସମାଧାନ ନ କରି କ୍ୟାମ୍ପ କୋର୍ଟ କରି କୋର୍ଟ ଚଳାଇବା ନେଇ ସରକାରଙ୍କ ପଦକ୍ଷେପକୁ ଘୋର ନିନ୍ଦା କରାଯାଇଥିଲା। କୋର୍ଟ ନିକଟରେ ମୁଖ୍ୟ ରାସ୍ତା ଅବରୋଧ କରି ମୁଖ୍ୟମନ୍ତ୍ରୀଙ୍କ କୁଶୋପୁତ୍ତୋଳିକା ଦାହ କରାଯାଇଥିଲା।

ଆଇନଜୀବୀମାନଙ୍କ ସ୍ୱାଭିମାନକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ସେଠୀ ମତବ୍ୟକ୍ତ କରିଛନ୍ତି। ଆଇନଜୀବୀ ମାନଙ୍କ ତୀବ୍ର ବିରୋଧ ଓ ଜଜମାନଙ୍କୁ ଅନୁରୋଧ କରି ଫେରାଇଦେବା କାରଣରୁ ଜିଲା ମୁଖ୍ୟାଳୟରେ କ୍ୟାମ୍ପ କୋର୍ଟ ହୋଇ ପାରି ନ ଥିଲା। ଜିଲା କାରଗାରରେ କୌଣସି କଏଦୀକୁ ଜାମିନ ମିଳି ନ ଥିବା ଜେଲର ସତ୍ୟ ପ୍ରକାଶ ସ୍ୱାଇଁ ସୂଚନା ଦେଇଛନ୍ତି। ସମୁଦାୟ ୬୭୭ ଜଣ କଏଦୀ ଜିଲା ଜେଲରେ ରହିଛନ୍ତି। ଅନ୍ୟ ପକ୍ଷରେ ଚମ୍ପୁଆ, ଆନନ୍ଦପୁରରେ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଥିଲା। ଚମ୍ପୁଆ ସବ୍‌ଜେଲରେ ଥିବା ୬ ଜଣ ବିଚାରାଧୀନ କଏଦୀ ଜାମିନରେ ଯାଇଥିବା ଜେଲର ଟି.ମାଝୀ ସୂଚନା ଦେଇଛନ୍ତି। ତନ୍ମଧ୍ୟରୁ ୨ ଜଣ ବ୍ୟକ୍ତିଗତ ଜାମିନରେ ଯାଇଥିବା ଜଣାପଡିଛି।

■ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

# ଶପଥ ନେଲେ ଅଧିକାରୀ, କର୍ମଚାରୀ

**କେନ୍ଦୁଝର, ୨୯।୧୦ (ସ୍ୱ.ପ୍ର.)**

- ଅଙ୍ଗୀକାରବଦ୍ଧ ହେବାକୁ ଆହ୍ୱାନ
- ସାଧୁତା, ସ୍ୱଚ୍ଛତା ବଜାୟ ରଖିବାକୁ ଗୁରୁତ୍ୱ

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ପରିପ୍ରେକ୍ଷୀରେ ସୋମବାର ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଶପଥ ଗ୍ରହଣ କରିଥିଲେ। ଜିଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶକ୍ରମେ ଦରବାର ହଲ୍‌ଠାରେ ଜିଲା କାର୍ଯ୍ୟାଳୟ ତଥା ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ/କର୍ମଚାରୀଙ୍କୁ ଅତିରିକ୍ତ ଜିଲାପାଳ ଡଃ ଭକ୍ତଚରଣ ପ୍ରଧାନ ଶପଥ ପାଠ କରାଇଥିଲେ। ସମାରୋହରେ ବାର୍ତ୍ତା ଦେଇ ଅତିରିକ୍ତ ଜିଲାପାଳ ଡଃ ପ୍ରଧାନ କହିଥିଲେ ଯେ, ଦୁର୍ନୀତି ଏକ ସାମାଜିକ ବ୍ୟାଧି, ଯାହା ଦେଶର ପ୍ରଗତିରେ ପ୍ରତିବନ୍ଧକ ହୋଇଥାଏ। ଦୁର୍ନୀତି ନିବାରଣ କ୍ଷେତ୍ରରେ ସରକାରୀ କର୍ମଚାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏକ ଦୁର୍ନୀତି ମୁକ୍ତ ସମାଜ ଓ ଦେଶ ଗଠନରେ ସେମାନେ ଅଙ୍ଗୀକାରବଦ୍ଧ ହେବାକୁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟରେ ସାଧୁତା ଓ ସ୍ୱଚ୍ଛତା ବଜାୟ ରଖିବାକୁ କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ ସପ୍ତାହ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ କଲେକ୍ଟର ବାବୁଲୁ ପେରେଇ, ବସୁନ୍ଧରା ଭିତିଆ, ଅନିତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


ଚମ୍ପୁଆ ବ୍ଲକ କାର୍ଯ୍ୟାଳୟରେ ଶପଥପାଠ କରାଯାଉଛି।



ବଡ଼ବିଲରେ ଶପଥପାଠ ନେଉଥିବା ପୌର କର୍ମଚାରୀ।

**ଚମ୍ପୁଆ, (ଡି.ଏନ.ଏ.)**

ଚମ୍ପୁଆ ଉପଖଣ୍ଡରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଭିଜିଲାନ୍ସ ସଚେତନତା ସପ୍ତାହ ଆରମ୍ଭ ହୋଇଛି। ଦୁର୍ନୀତି ନିବାରଣ କ୍ଷେତ୍ରରେ ସରକାରୀ କର୍ମଚାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଉପଜିଲାପାଳ ଆହ୍ୱାନ ଦେଇଥିଲେ। ତହସିଲ କାର୍ଯ୍ୟାଳୟଠାରେ ତହସିଲଦାର ଆଲୋକ କୁମାର ପଟେଲଙ୍କ ନେତୃତ୍ୱରେ ସପ୍ତାହ ପାଳନ କରାଯାଇଛି। ବ୍ଲକ କାର୍ଯ୍ୟାଳୟଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ନୁପୁର ଚାନ୍ଦଗୋଟିଆଙ୍କ ନେତୃତ୍ୱରେ ଭିଜିଲାନ୍ସ ସପ୍ତାହ ସ୍ୱଚ୍ଛତା ଉପରେ ଶପଥପାଠ କରିଥିଲେ।

**ବଡ଼ବିଲ, (ସ୍ୱ.ପ୍ର.):**

ବଡବିଲସ୍ଥିତ ପୌର ପରିଷଦ କାର୍ଯ୍ୟାଳୟର କର୍ମଚାରୀମାନେ ସୋମବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଦୁର୍ନୀତିମୁକ୍ତ ଲାଗି ଶପଥ ଗ୍ରହଣ କରିଥିଲେ। ପୌର ନିର୍ବାହୀ ଅଧିକାରୀ ମନୋରଞ୍ଜନ ଦେଓ ଦୁର୍ନୀତିମୁକ୍ତ ରହିବାକୁ ସମସ୍ତ କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ।

**ଯୋଡ଼ା, (ଡି.ଏନ.ଏ.)**

ଯୋଡା ପୌରପାଳିକା ପକ୍ଷରୁ ଦୁର୍ନୀତି ନିବାରଣ ପାଳନ ସପ୍ତାହ ଅବସରରେ କର୍ମଚାରୀ ଶପଥପାଠ କରିଥିଲେ। ଶପଥପାଠ କାର୍ଯ୍ୟକ୍ରମରେ ଯୋଡା ପୌରପାଳିକା ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ, ପରିମଳ ଅଧିକାରୀ ରାଜେନ୍ଦ୍ର ମିଶ୍ର, ରଘୁନାଥ କାରୁଆ, କ୍ଷେପା ସିଂ, ରାମଚନ୍ଦ୍ର ପାତ୍ର, ସଞ୍ଜୟ ଚାଟାର୍ଜୀ, ସ୍ମୃତିରେଖା ପରିଡ଼ାଙ୍କ ସମେତ ପୌର କର୍ମଚାରୀ ଶପଥପାଠରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଟ୍ରକ୍-ପିକ୍ଅପ୍ ଧକ୍କା, ୭ ଆହତ

**ଜଳେଶ୍ୱର, ୨୯।୧୦(ଡି.ଏନ.ଏ.):** ରବିବାର ରାତି ପ୍ରାୟ ୧୧ ଟାରେ ୬୦ ନଂ. ଜାତୀୟ ରାଜପଥର ଅଗ୍ରୱାଲା ଛକ ବାଇପାସ୍ ନିକଟରେ ପଶ୍ଚିମବଙ୍ଗରୁ ଆଳୁ ବୋଝେଇ କରି ଓଡ଼ିଶାକୁ ପ୍ରବେଶ କରୁଥିବା ଟ୍ରକ୍ (ନଂ.ଡବ୍ଲ୍ୟୁବିଶ୍ରୀବି-୯୩୦୨) ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଫୁଲଚାରା ବୋଝେଇ ପିକ୍ଅପ୍‌କୁ ଧକ୍କା ଦେଇଥିଲା। ଏହାସହ ଟ୍ରକ ବିଦ୍ୟୁତଖୁଣ୍ଟ ଓ ରାସ୍ତା ତଳରେ ଥିବା ଏକ ବଡ଼ ବୃକ୍ଷକୁ ଧକ୍କା ଦେଇ ଓଲଟିପଡିଥିଲା। ଫଳରେ ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭର, ହେଲପର, ପିକ୍ଅପ୍‌ର ହେଲପର, ଡ୍ରାଇଭର, ମାଲିକ ଏବଂ ସ୍ଥାନୀୟ ଅଗ୍ରୱାଲା ଛକ ଅଞ୍ଚଳର ୨ ଜଣଙ୍କ ସମେତ ମୋଟ ୭ ଜଣ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏହି ଦୁର୍ଘଟଣାକୁ ନେଇ ଜଳେଶ୍ୱର ଥାନାରେ ଏକ ମାମଲା (ନଂ.୩୨୦/୧୮) ରୁଜୁ ହୋଇଛି।

### ମୋଟର ସାଇକେଲ ଦୁର୍ଘଟଣାଗ୍ରସ୍ତ, ୩ ଗୁରୁତର

**ବାହାନଗା,୨୯।୧୦(ଡି.ଏନ.ଏ.):** ବାହାନଗା ବ୍ଲକ ତାଳକୁରୁଣିଆଁ ପଞ୍ଚାୟତସ୍ଥିତ ସଲ୍ଟ ରୋଡରେ ଜଣେ ଚୋରା ଦେଶୀ ମଦ ବେପାରୀଙ୍କ ମୋଟରସାଇକେଲ ଦୁର୍ଘଟଣାଗ୍ରସ୍ତ ହେବାରୁ ଆଗରେ ବାଇକ୍‌ରେ ଯାଉଥିବା ଏକ ପରିବାରର ୩ଜଣ ଗୁରୁତର ହୋଇଛନ୍ତି। ଆହତମାନେ ଏବେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଲୋକମାନେ ୨ ମଦବେପାରୀଙ୍କ ମଧ୍ୟରୁ ଜଣଙ୍କୁ କାବୁ କରି ପୋଲିସରେ ଜିମା ଦେଇଛନ୍ତି। ପୋଲିସ ମୋଟର ସାଇକେଲ ଜବତ କରିଛି। ରାସ୍ତାରେ ୫୦ଲିଟରରୁ ଊର୍ଦ୍ଧ୍ୱ ଦେଶୀ ମଦ ପ୍ୟାକେଟ ଫାଟି ନଷ୍ଟ ହୋଇଯାଇଛି। ତାଳକୁରୁଣିଆଁ ପଞ୍ଚାୟତର ଶ୍ୟାମସୁନ୍ଦରପୁର ଗ୍ରାମର ଦିବାକର ଲେଙ୍କା, ତାଙ୍କ ପତ୍ନୀ ସୁଷମା ଓ ତାଙ୍କ ୧୧ବର୍ଷର ପୁଅ ବିସ୍ମୟ ମୋଟରସାଇକେଲ ଯୋଗେ ତାଳକୁରୁଣିଆ ଗ୍ରାମକୁ ଆସୁଥିଲେ। କୁରୁଣିଆଛକ ପୂର୍ବରୁ ତାଙ୍କ ମୋଟର ସାଇକେଲ ପଛପଟୁ ଚୋରା ମଦ ନେଇ ଯାଉଥିବା ୨ଜଣ ବେପାରୀଙ୍କ ମୋଟରସାଇକେଲ ଧକ୍କା ଦେଇଥିଲା। ଫଳରେ ସମସ୍ତେ ତଳେ ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଦୁଇଜଣ ମଦବେପାରୀଙ୍କ ମଧ୍ୟରୁ ପଛରେ ବସିଥିବା ବାଙ୍ଗିରିପୋଷି ଅଞ୍ଚଳର ବିନୋଦ ସିଂଙ୍କୁ କାବୁ କରିଥିଲେ। ମୁଖ୍ୟ ବେପାରୀ ଫେରାର ହୋଇଯାଇଥିଲେ। ଲୋକେ ବିନୋଦଙ୍କୁ ଏକ ଦଉଡିରେ ବାନ୍ଧି ରଖିଥିଲେ। ଗୋପାଳପୁର ଫାଣ୍ଡି ପୋଲିସ ପହଞ୍ଚି ମଦବେପାରୀଙ୍କୁ ଉଦ୍ଧାର କରିଛି।

### ବିଜୁ ଶ୍ରମିକ ସଂଘ ବୈଠକ

**ରେମୁଣା, ୨୯।୧୦(ଡି.ଏନ.ଏ.):** ବାମପଦାସ୍ଥିତ ବିଜୁ ଶ୍ରମିକ ସଂଘ କାର୍ଯ୍ୟାଳୟ ପରିସରରେ ରବିବାର ସନ୍ଧ୍ୟାରେ ବିଜୁ ଶ୍ରମିକ ସଂଘ ଓ ବିଜୁ ପଟ୍ଟନାୟକ କର୍ମଚାରୀ ସଭାର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିର୍ଲାର ୮ଟି ଶ୍ରମିକ ସଙ୍ଗଠନର ସାଧାରଣ ସମ୍ପାଦକମାନେ ଅଂଶଗ୍ରହଣ କରି ପୂର୍ବବର୍ଷର ପୂଜା ବୋନସ ସମ୍ପର୍କରେ ଆଲୋଚନା କରିଥିଲେ। ସଙ୍ଗଠନ ପକ୍ଷରୁ ବିଗତ ବର୍ଷ ଭଳି ବୋନସ ଦାବି କରାଯାଇଥିଲେ ମଧ କମ୍ପାନୀ ମ୍ୟାନେଜମେଣ୍ଟ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ଏହି ପ୍ରତିବାଦରେ ଶ୍ରମିକ ସଙ୍ଗଠନର କେତେକ କର୍ମଚାରୀ ହକ୍ ଦାବି କରି ଧାରଣାରେ ବସିଥିଲେ। ଏନେଇ ଗତ ୧୧ ତାରିଖରେ ବାଲେଶ୍ୱର ଜିଲାପାଳଙ୍କ ବାଭବନରେ ସମସ୍ତ ଶ୍ରମିକ ସଙ୍ଗଠନର ସମ୍ପାଦକ, ମ୍ୟାନେଜମେଣ୍ଟ, ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ଡିଏସ୍‌ପି ଏବଂ ଶିଳ୍ପାଞ୍ଚଳ ଥାନାଧିକାରୀ ମଧ୍ୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ମ୍ୟାନେଜମେଣ୍ଟ ତାଙ୍କର ଜିଦ୍‌ରେ ଅଟଳ ରହିବା ସହିତ ଧାରଣାରେ ବସିଥିବା ୧୧ଜଣ ଶ୍ରମିକଙ୍କୁ କାର୍ଯ୍ୟରୁ ବହିଷ୍କାର କରିଥିଲେ। ବୈଠକରେ ଏହାକୁ ନିନ୍ଦା କରାଯାଇଥିଲା। ବୈଠକରେ କମଳଲୋଚନ ଦାସ, ଶିବ ପ୍ରସାଦ ଦାସ, ସତ୍ୟନାରାୟଣ ଆଚାର୍ଯ୍ୟ, ବିଜୟ କୁମାର ମିଶ୍ର , ପ୍ରଶାନ୍ତ କୁମାର ପାଣିଗ୍ରାହୀ, ପ୍ରଭାତ କୁମାର ସାହୁ, ଚିତ୍ତରଞ୍ଜନ ସାହୁ, କମିଟିର ଉପଦେଷ୍ଟା ଗୌରୀ କୁମାର ରାଉତ ଓ ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଝାଡ଼ଖଣ୍ଡ ହାତୀ ନୀଳଗିରିମୁହାଁ

**ସଜନାଗଡ଼, ୨୯।୧୦(ଡି.ଏନ.ଏ.)**

୪୦ରୁ ଊର୍ଦ୍ଧ୍ୱ ଝାଡ଼ଖଣ୍ଡର ଦଲମା ହାତୀ ବାଲେଶ୍ୱର ଜିଲା ନୀଳଗିରିମୁହାଁ ହୋଇଛନ୍ତି। ଗତ ୨୦୧୦ ମସିହାରୁ ପ୍ରତ୍ୟେକ ବର୍ଷ ଲଗାତର ଭାବେ ଝାଡ଼ଖଣ୍ଡ ହାତୀପଲ ନୀଳଗିରି ଅଞ୍ଚଳରେ ପ୍ରବେଶ କରି ବହୁ ଧନଜୀବନ ନଷ୍ଟ କରିବା ସହ ପ୍ରଚୁର କ୍ଷେତବାଡ଼ି, ଘରଦ୍ୱାର ନଷ୍ଟ କରିଆସୁଛନ୍ତି। ଖାଦ୍ୟ ଅନ୍ୱେଷଣରେ ହାତୀପଲ ଉକ୍ତ ଅଞ୍ଚଳକୁ ବାରମ୍ବାର ଆସୁଥିବା ବନବିଭାଗ ଏବଂ ବିଶେଷଜ୍ଞ ମତ ରଖିଛନ୍ତି। ବିଲରେ ଏବେ ଧାନ ଅଧାଅଧି ପାଚିଥିବା ବେଳେ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଝାଡ଼ଖଣ୍ଡ ହାତୀପଲ ଆସିଲେ ଏକର ଏକର ଧାନ ଫସଲ ନଷ୍ଟ କରିବେ। ଚଳିତବର୍ଷ ହାତୀପଲ ଦାଉରୁ ରକ୍ଷା ପାଇବା ପାଇଁ ବନବିଭାଗ ପକ୍ଷରୁ ସୋମବାରଠାରୁ ଆରମ୍ଭ ହୋଇଛି ସଚେତନତା କାର୍ଯ୍ୟକ୍ରମ।



ନୀଳଗିରି ଅଭିମୁଖେ ଝାଡ଼ଖଣ୍ଡ ହାତୀ।

ବର୍ତ୍ତମାନ ହାତୀପଲ ମୟୂରଭଞ୍ଜ ବେତନଟୀ ରେଞ୍ଜର ନଡ଼ପୁର ଜଙ୍ଗଲରେ ଥିବା ବେଳେ ନୀଳଗିରି ପହଞ୍ଚିବା ପାଇଁ ଖୁବ୍ କମ୍ ଦିନ ଲାଗିପାରେ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ହାତୀପଲ ପ୍ରବେଶକୁ ନେଇ ନୀଳଗିରି ରେଞ୍ଜର ସୁକୁମାର ନାୟକଙ୍କ ନିର୍ଦ୍ଦେଶରେ ଏକ ଟିମ୍ ନୀଳଗିରି ବନାଞ୍ଚଳ ଗ୍ରାମଗୁଡ଼ିକୁ ଯାଇ ଘରେ ମହୁଲ, ହାଣ୍ଡିଆ ନ ରଖିବା ପାଇଁ ସଚେତନ କରୁଥିବା ବେଳେ ଘରେ ଥିବା ଧାନ ଓ ଚାଉଳକୁ ସୁରକ୍ଷିତ ସ୍ଥାନରେ ରଖିବା ପାଇଁ ପରାମର୍ଶ ଦେଉଛନ୍ତି। ବନାଞ୍ଚଳଗୁଡ଼ିକରେ ଲଗାଯାଇଥିବା ସୋଲାର ଫ୍ୟାନ୍‌ସିଂ ବାଡ଼ମାନ କିଛି ସ୍ଥାନରେ ନଷ୍ଟ ହୋଇଥିବା ବେଳେ ଯୁଦ୍ଧକାଳୀନ ଭିତ୍ତିରେ ତୁରନ୍ତ ମରାମତି କରାଯିବା ସହ ବନବିଭାଗ ପକ୍ଷରୁ ଖୋଳାଯାଇଥିବା ଟ୍ରେଞ୍ଚ କେତେକ ସ୍ଥାନରେ ମଧ୍ୟ ପୋତି ହୋଇଯାଇଛି। ବନାଞ୍ଚଳବାସୀ ଏହି ପୁନରୁଦ୍ଧାର ପାଇଁ ଦାବି କରିଛନ୍ତି। ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ବ୍ଲକ ଘେରିଲା ଭାଜପା

**ବାହାନଗା,୨୯।୧୦(ଡି.ଏନ.ଏ.)**

ବ୍ଲକରେ ପିସି କାରବାର, ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ବାହାନଗା ଭାଜପା ପକ୍ଷରୁ ସୋମବାର ବ୍ଲକ ଅଫିସ ଘେରାଉ କରାଯାଇଥିଲା। ଦଳୀୟ କର୍ମୀ ଓ ନେତାମାନେ ବାହାନଗା ୟୁକୋ ବ୍ୟାଙ୍କ ପାଖରୁ ଏକ ଶୋଭାଯାତ୍ରାରେ ବାହାରି ବାହାନଗା ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବାସୁଲୀ ମଣ୍ଡଳ ସଭାପତି ରାଜାରାମ ମହାପାତ୍ର ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ରାକେଶ ମଲିକ, ଜିଲା ସାଧାରଣ ସମ୍ପାଦକ ମିହିର ପାଣି, କୈଳାସ ଚନ୍ଦ୍ର ବିଶ୍ୱାଳ, ରାଜେନ୍ଦ୍ର ନାୟକ, ବ୍ଲକ ଅଧକ୍ଷା ସରସ୍ୱତୀ ମହାଳିକ, ଜିଲା ହରିଜନ ମୋର୍ଚ୍ଚା ସଭାପତି ରବୀନ୍ଦ୍ର ମହାଳିକ, ସତ୍ୟନାରାୟଣ ଦାଶ, ମାଟିଆ ମଙ୍ଗଳା ମଣ୍ଡଳ ସଭାପତି ସନାତନ ଦାସ, ନମିତା ଦାଶ, ରଜତ ସାମଲ ଓ ଶରତ ନାୟକ ପ୍ରମୁଖ କର୍ମକର୍ତ୍ତା ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଏହି ଘେରାଉରେ ୧୮ଟି ପଞ୍ଚାୟତର ବହୁ ମହିଳା ଓ ଯୁବକର୍ମୀମାନେ ଯୋଗ ଦେଇଥିଲେ।




ଭାଜପା ନେତା ଓ କର୍ମୀମାନେ ବାହାନଗା ବ୍ଲକ୍ ଘେରାଉ କରିଛନ୍ତି।

## ବଧୂ ହତ୍ୟା ଅଭିଯୁକ୍ତ ଗିରଫ ଦାବି: ଗଣଧାରଣା

**ଭୋଗରାଇ, ୨୯।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ଥାନା ସମ୍ମୁଖରେ ସୋମବାର ଦେବଭୂମି ବିକାଶ ପରିଷଦ ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ଗତ ୨୦ ତାରିଖରେ ଏହି ଥାନା ଅଧୀନ ଗୋଛିଦା ତେଘରୀ ଗ୍ରାମର ଜନୈକା ମହିଳା ସୁମିତାଙ୍କୁ ତାଙ୍କ ସ୍ୱାମୀ, ଶ୍ୱଶୁର, ଶାଶୁ, ଦିଅର ମିଶି କିରୋସିନ ଢାଳି ପୋଡ଼ି ମାରିଦେଇଥିବା ନେଇ ତାଙ୍କ ବାପଘର ଲୋକେ ଭୋଗରାଇ ଥାନାରେ ଏତଲା ଦେଇଥିଲେ। ଭୋଗରାଇ ଥାନା ପକ୍ଷରୁ ଏକ ମାମଲା (ନଂ.୧୬୧/୧୮) ରୁଜୁ କରାଯାଇ ଅଭିଯୁକ୍ତ ଶ୍ୱଶୁର କାର୍ତ୍ତିକ ଚନ୍ଦ୍ର ଦାସ ଅଧିକାରୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଅନ୍ୟ ଅଭିଯୁକ୍ତମାନଙ୍କୁ ଅଦ୍ୟାବଧି ଗିରଫ କରାଯାଇ ନ ଥିବାରୁ ଏହାର ପ୍ରତିବାଦରେ ଦେବଭୂମି ବିକାଶ ପରିଷଦ ପକ୍ଷରୁ ରାଜଶ୍ରୀ କାମିଲା, ଦିଲୀପ କୁମାର କାମିଲା,




ଭୋଗରାଇ ଥାନା ସମ୍ମୁଖରେ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ।

ରାମହରି ସୁର, ବନମାଳୀ ଦାସ, ହିମାଂଶୁ ପ୍ରଧାନ, ସିଂହବାହିନୀ ସ୍ୱୟଂ ସହାୟକ ଗୋଷ୍ଠୀର ରେଖା ଦଳେଇଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଭୋଗରାଇ ଥାନା ଆଗରେ ପ୍ରତୀକ ଗଣଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଗଣଧାରଣା ଓ ବିକ୍ଷୋଭରେ ମହିଳାଙ୍କ ବାପଘର ପଶ୍ଚିମବଙ୍ଗ ଶ୍ରୀପୁର ଗ୍ରାମର ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଭୋଗରାଇ ଥାନା ଆଇଆଇସି ନରେନ୍ଦ୍ର କୁମାର ଦାସ ଆସାମୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ସାମୟିକ ଭାବେ ଆନ୍ଦୋଳନକୁ ସ୍ଥଗିତ ରଖିଥିଲେ।

## ବସ୍ତା ବିଦ୍ୟୁତ ସ୍କ୍ୱାଡ୍ ଚଢ଼ାଉ, ୩ ଲକ୍ଷ ଜରିମାନା ଆଦାୟ

**ବସ୍ତା, ୨୯।୧୦(ସ୍ୱ.ପ୍ର.)**

ନେସ୍‌କୋ ବସ୍ତା ବିଦ୍ୟୁତ ଡିଭିଜନ ଅଧୀନ ବିଭିନ୍ନ ଅଞ୍ଚଳରେ ବିଭାଗୀୟ ସ୍କ୍ୱାଡ୍ ଦ୍ୱାରା ଚଢାଉ କରାଯାଇ ଅସାଧୁ ଉପାୟରେ ବିଦ୍ୟୁତ ବ୍ୟବହାର କରୁଥିବା ୩୨ଜଣଙ୍କଠାରୁ ପ୍ରାୟ ୩ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ଏହାସହ ତାର ଓ ହିଟର ଆଦି ବିଭିନ୍ନ ସରଞ୍ଜାମ ଜବତ କରାଯାଇଛି।

କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କମଳଲୋଚନ ମହାନ୍ତିଙ୍କ ପରାମର୍ଶକ୍ରମେ ବସ୍ତା ବିଦ୍ୟୁତ ସବଡିଭିଜନ ସହକାରୀ ଯନ୍ତ୍ରୀ ରାଜେଶ କୁମାର ଘଡେଇ, ରାଜଘାଟ ସେକ୍ସନର କନିଷ୍ଠ ଯନ୍ତ୍ରୀ ଆଶିଷ କୁମାର ନାୟକ, ବିଭାଗୀୟ ସ୍କ୍ୱାଡ୍ ସହ ବସ୍ତା ବ୍ଲକର ଭେଲୋରା, ନାବଦା, ବଡଅସ୍ତି, ବିରିପଦା, ପଣିସାପଡା, ସୁନ୍ଦରକୁଲି, ରାଜଘାଟ ଆଦି ଗାଁରେ ଚଢ଼ାଉ ହୋଇଥିଲା। ହୁକିଂ ଓ ମିଟର ବାଇପାସ ଆଦି ଅଭିଯୋଗରେ ଅସାଧୁ ଉପଭୋକ୍ତାଙ୍କ ବିରୋଧରେ ଏଭଳି ପଦକ୍ଷେପ ନିଆଯାଇଛି।

### ■ ସୋର ଉପକାରାଗାରରେ କ୍ୟାମ୍ପକୋର୍ଟ
## ୩ ମହିଳାଙ୍କ ସମେତ ୪ଜଣଙ୍କୁ ଜାମିନ

**ସୋର, ୨୯।୧୦(ଡି.ଏନ୍.ଏ.)**

ସୋର ଉପକାରାଗାରରେ କ୍ୟାମ୍ପକୋର୍ଟ ହୋଇଯାଇଛି। ହାଇକୋର୍ଟ ନିର୍ଦ୍ଦେଶରେ ସୋରର ସବ୍ ଜଜ୍ ଚିତ୍ତରଞ୍ଜନ ମିଶ୍ର, ଜେଏମ୍‌ଏଫ୍‌ସି ମମିତା ସାହୁ ଓ ମୁନ୍‌ସିଫ୍ ରତ୍ନପର୍ଣ୍ଣା ମିଶ୍ର ଜେଲ କର୍ମଚାରୀଙ୍କ ଉପସ୍ଥିତିରେ ଏହି କ୍ୟାମ୍ପକୋର୍ଟ ଅନୁଷ୍ଠିତ ହୋଇଥିଲା। ସୋର ଉପକାରାଗାରର ସବ୍ ଜେଲର ଅକ୍ଷୟ କୁମାର ଜେନା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି କ୍ୟାମ୍ପକୋର୍ଟରେ ୩ ଜଣ ମହିଳାଙ୍କ ସମେତ ଜଣେ ପୁରୁଷ ବିଚାରାଧୀନ କଏଦୀଙ୍କୁ ଜାମିନ୍‌ରେ ଛଡ଼ାଯାଇଛି। ଦୀର୍ଘ ୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଓକିଲଙ୍କୁ ମାଡ ମରାଯାଇଥିବା ପ୍ରତିବାଦରେ ହାଇକୋର୍ଟ ବାର ଆସୋସିଏସନ୍ ନିଷ୍ପତ୍ତିରେ ରାଜ୍ୟର ସମସ୍ତ ବାରର ଆଇନ୍‌ଜୀବୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଅବ୍ୟାହତ ରଖିଥିଲେ। ଅନ୍ୟପକ୍ଷେ ସୋର ଉପକାରାଗାରରେ କଏଦୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ପୂର୍ବରୁ ପାଖାପାଖି ୪୦ଜଣ ବିଚାରାଧୀନ କଏଦି ଥିବା ବେଳେ ଏବେ ୧୩୫ଜଣ ବିଚାରାଧୀନ କଏଦୀ ଅଛନ୍ତି ।

## ଟ୍ରେନ୍‌ରୁ ଯାତ୍ରୀ ନିଖୋଜ

**ସୋର, ୨୯।୧୦(ଡି.ଏନ୍.ଏ.):** କୋଲକତାରୁ ଟ୍ରେନ୍‌ରେ ଘରକୁ ଫେରୁଥିବା ଜଣେ ଯାତ୍ରୀ ନିଖୋଜ ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ସୋର ଥାନା ଅନ୍ତର୍ଗତ ଚିତ୍ତଳ ଗ୍ରାମର ରତ୍ନାକର ବିଶ୍ୱାଳ(୪୫) କୋଲକତାର ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ସୋମବାର ଡିଏମ୍‌ୟୁରେ ଆସି ସୋର ଷ୍ଟେଶନରେ ଓହ୍ଲାଇବାର ଥଲା। ପରିବାର ଲୋକେ ତାଙ୍କୁ ଷ୍ଟେଶନ୍‌ରେ ଅପେକ୍ଷା କରିଥିବଲାବେଳେ ସେ ଓହ୍ଲାଇ ନ ଥିଲେ। ରତ୍ନାକରଙ୍କର ଏକ ବ୍ୟାଗ୍ ଭଦ୍ରକ ଷ୍ଟେଶନ୍‌ରୁ ମିଳିଥିବା ବେଳେ ତାଙ୍କର ଅଦ୍ୟାବଧି କୌଣସି ପତ୍ତା ମିଳି ନାହିଁ।



ଦାବିପତ୍ର ପ୍ରଦାନ ପାଇଁ ଖଇରା ଥାନାରେ ଏକଜୁଟ ହୋଇଥିବା ସାରୁଗାଁ ଗ୍ରାମବାସୀ।

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

**ଖଇରା, ୨୯।୧୦(ଡି.ଏନ.ଏ.)**

ଖଇରା ବ୍ଲକ ଅଧୀନ ସାରୁଗାଁ ଗ୍ରାମନିବାସୀ ତଥା ତିଳଦା ଏମ୍‌ଇ ସ୍କୁଲ ପ୍ରଧାନଶିକ୍ଷକ ନିରଞ୍ଜନ ବେହେରାଙ୍କୁ ମରଣାନ୍ତକ ଆକ୍ରମଣରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସୋମବାର ଖଇରା ଥାନା ଘେରାଉ କରାଯାଇଛି। ପରେ ଖଇରା ପୋଲିସ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୨୫୧/୧୮) ରୁଜୁ କରି ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ଧରି ଥାନାକୁ ଆଣିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଲାଗି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଜିଦ୍‌ରୁ ଓହରିଥିଲେ।

ସ୍କୁଲରେ ଗଛ ବିକ୍ରି ଓ ମଧ୍ୟାହ୍ନଭୋଜନ ଖାଦ୍ୟ ହିସାବକୁ ନେଇ ପ୍ରଧାନଶିକ୍ଷକ ବେହେରା ଓ ପରିଚାଳନା କମିଟି କେତେକ ସଦସ୍ୟଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ରବିବାର ଉଭୟ ଗୋଷ୍ଠୀ ଜଣେ ପୂର୍ବତନ ସରପଞ୍ଚଙ୍କ ଘରକୁ ବୁଝାମଣା ପାଇଁ ଯାଇଥିଲେ। ବୁଝାମଣା ବିଫଳ ହେବା ପରେ ପ୍ରଧାନଶିକ୍ଷକ ବେହେରା ନିଜ ସାଇକେଲରେ ମାହାରାସାହିରୁ ନଟାପଡା ରାସ୍ତାଦେଇ ନିଜ ଘର ସାରୁଗାଁକୁ ଫେରୁଥିଲେ। ଏହି ସମୟରେ ନଟାପଡା ଗ୍ରାମର ଶେଷ ମୁଣ୍ଡରେ ଥିବା ପୋଲ ନିକଟରେ ପୂର୍ବରୁ ଜଗି ରହିଥିବା କେତେକ ବ୍ୟକ୍ତି ଠେଙ୍ଗାରେ ବେହେରାଙ୍କ ମାରଣାନ୍ତକ ଆକ୍ରମଣ କରି ଗୁରୁତର କରିଦେଇଥିଲେ। ତାଙ୍କର ଚିତ୍କାର ଶୁଣି ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଉଠାଇ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସଙ୍କଟାପର୍ଣ୍ଣ ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହି ଆକ୍ରମଣରେ ସହକାରୀ ଶିକ୍ଷକ ନିରଞ୍ଜନ ସେଠୀ ଓ ସଂଗ୍ରାମ ନାୟକ ତଥା କମିଟି ସଭ୍ୟ ଦୈତାରୀ ବହଲି, ବରୁଣ ରାଉତ, ସଭାପତି କୈଳାସ ରାଉଳ ଓ ଶତ୍ରୁଘ୍ନ ନାୟକଙ୍କ ସମେତ ଅନେକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ନେଇ ନିରଞ୍ଜନଙ୍କ ଶ୍ୱଶୁର ନୀଳମଣି ମହାନ୍ତି ଖଇରା ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି।

## ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟ୍

**ସୋର, ୨୯।୧୦(ଡି.ଏନ୍.ଏ.)**

ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ଉତ୍ତରେଶ୍ୱର ବାପୁ ନଗର କଲୋନୀରୁ ଏକ ପରିବାରରେ କେହି ନ ଥିବାର ସୁଯୋଗ ନେଇ ଲୁଟେରାମାନେ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଲୁଟି ନେଇଛନ୍ତି। ଏନେଇ ସୋର ଥାନାରେ ଅଭିଯୋଗ ହୋଇଛି । ଏହି କଲୋନୀର କାର୍ତ୍ତିକ ଚନ୍ଦ୍ର ବେହେରା ପରିବାର ଲୋକେ ବନ୍ଧୁବାନ୍ଧବଙ୍କ ଘରକୁ ଔପଦାକୁ ଯାଇଥିଲେ। ଘରେ କେହି ନ ଥିବାରୁ ରବିବାର ବିଳମ୍ବିତ ରାତିରେ ଘରର ଗ୍ରିଲ ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ଓ ସୁନା ଗହଣା ଲୁଟ୍ କରିଛନ୍ତି। ପରିବାର ଲୋକେ ସୋମବାର ସକାଳେ ପହଞ୍ଚିବା ପରେ ଜାଣିଥିଲେ। ଲୁଟେରା ମାନେ ଘର ମଧ୍ୟରେ ପଶି ଆଲମିରା ଚାବି ଭାଙ୍ଗି ୫୦ ହଜାର ଟଙ୍କା, ୫ ଭରି ଓଜନର ୨ଟି ସୁନା ଚେନ୍, ୨ଟି ମୁଦି ଓ ଏକ କାନଫୁଲ ଲୁଟି ନେଇଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଉପଜିଲାପାଳଙ୍କ ଅଫିସ ଆଗରେ ଭାଜପାର ବିକ୍ଷୋଭ

**ସଜନାଗଡ଼,୨୯।୧୦(ଡି.ଏନ.ଏ.)**

ବିଜେଡି ସରକାରର ଅପାରଗତା ବିରୋଧରେ ବାଲେଶ୍ୱର ଜିଲା ନୀଳଗିରି ଭାଜପା ପକ୍ଷରୁ ନୀଳଗିରି ପୂର୍ବତନ ବିଧାୟକ ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଉପଜିଲାପାଳଙ୍କ ଅଫିସ ଆଗରେ ସୋମବାର ବିକ୍ଷୋଭ କରାଯାଇଥିଲା। ଷଡ଼ଙ୍ଗୀଙ୍କ ନେତୃତ୍ୱରେ ନୀଳଗିରି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ୫ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ପଦଯାତ୍ରାରେ ବାହାରି ନୀଳଗିରି ଉପଜିଲାପାଳଙ୍କ ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ବିଜେଡି ସରକାରଙ୍କ ସମୟରେ ହୋଇଥିବା ଦୁର୍ନୀତି, ବେକାରୀ, ବେରୋଜଗାର, ଚାଷୀ ଆତ୍ମହତ୍ୟା, ଦଳୀୟ ଆଧାରରେ ରାଶନକାର୍ଡ଼ ବଣ୍ଟନ ସାଙ୍ଗକୁ 'ଆମ ଗାଁ ଆମ ବିକାଶ' ଯୋଜନାରେ ରାଜକୋଷକୁ ଲୁଟ୍ କରାଯାଉଥିବା ଷଡ଼ଙ୍ଗୀ ଅଭିଯୋଗ କରିଥିଲେ। ରାଜ୍ୟ ମହିଳା ମୋର୍ଚ୍ଚାର




ଆୟୋଜିତ ସଭାରେ ଭାଜପା ନେତୃବର୍ଗ।

ଉପସଭାପତି ସୁଷମା ରାଣୀ ବିଶ୍ୱାଳ ରାଜ୍ୟ ସରକାରଙ୍କ ବିରୋଧରେ ମତ ରଖିଥିଲେ। ନୀଳଗିରି ନିର୍ବାଚନମଣ୍ଡଳୀର ପ୍ରଭାରୀ ସିପ୍ରା ବାଜପେୟୀ, କିଷାନ ମୋର୍ଚ୍ଚା ସଭ୍ୟ ତଥା କାର୍ଯ୍ୟକାରିଣୀ ସଦସ୍ୟ ଗୌରାଙ୍ଗ ଚରଣ ବେହେରା, କିଷାନ ମୋର୍ଚ୍ଚା ଜିଲା ଉପସଭାପତି କରୁଣାକର ପଣ୍ଡା, ସଭ୍ୟ ପରିଷଦ ସଦସ୍ୟ ରବିନାରାୟଣ ବେହେରା, ଦାଣ୍ଡକାଳୀ ମଣ୍ଡଳ ସଭାପତି ଦିଲୀପ ଦାସ, ନୀଳଗିରି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରମେଶ ମହାନ୍ତି, ପଞ୍ଚଲିଙ୍ଗେଶ୍ୱର ମଣ୍ଡଳ କାର୍ଯ୍ୟକାରିଣୀ ସଭାପତି ଅଭୟ ମିଶ୍ର, ବଣସୀମା ମଣ୍ଡଳ କାର୍ଯ୍ୟକାରୀ ସଭାପତି କମଳାକାନ୍ତ ମହାକୁଡ଼, ପୂର୍ବତନ ଅଧକ୍ଷା ଝରଣା ସିଂ, ବଣସୀମା ମଣ୍ଡଳର ପ୍ରତିନିଧି ପ୍ରଦୀପ ନାୟକ ପ୍ରମୁଖ ମଞ୍ଚାସୀନ ରହି ନବୀନ ସରକାରଙ୍କ ଅପାରଗତା ସମ୍ପର୍କରେ ମତ ପ୍ରଦାନ କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ନୀଳଗିରି ଉପଜିଲାପାଳ ବିଶାଳ ସିଂଙ୍କ ଜରିଆରେ ଦଳ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ସ୍ୱୟଂ ସହାୟିକା ଗୋଷ୍ଠୀ ସମନ୍ୱୟ ମେଳା

**ରୂପସା,୨୯।୧୦(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଶ୍ରୀରାମପୁରସ୍ଥିତ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ତରଫରୁ ସୋମବାର ସ୍ୱୟଂ ସହାୟିକା ଗୋଷ୍ଠୀ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସରକାରଙ୍କ ଜୀବନ ଜୀବିକା ମିଶନକୁ ସଫଳ କରିବା ପାଇଁ ମହିଳାମାନଙ୍କୁ ଆହ୍ୱାନ ଦିଆଯାଇଛି। ବ୍ୟାଙ୍କମିତ୍ର ହୈମାବତୀ ବାରିକ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଜେନେରାଲ ମ୍ୟାନେଜର ଡି.ଏସ. ମିଶ୍ର, ମୁଖ୍ୟବକ୍ତା ରିଜିଓନାଲ ମ୍ୟାନେଜର ଅରୁଣ କୁମାର ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ବୁଦ୍ଧରାମ ହେମ୍ବ୍ରମ, ମିଶନ ତରଫରୁ କୃପାସିନ୍ଧୁ ଦାସ ପ୍ରମୁଖ ଯୋଗଦେଇ ଓଡ଼ିଶା ଜୀବିକା ମିଶନ ମାଧ୍ୟମରେ ମହିଳାମାନେ ଆତ୍ମନିର୍ଭରଶୀଳ ହେବା ସହ ସ୍ୱାବଲମ୍ବୀ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ମେଳାରେ ୨୩ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ଋଣ ପ୍ରଦାନ କରାଯାଇଥିଲା। ଏବିଏମ ଲିଙ୍ଗରାଜ ସାହୁ, ପଦ୍ମଲୋଚନ ନନ୍ଦି, ଧରଣୀଧର ବେହେରା, ରାଜୁ ମହାପାତ୍ର ଓ ନିଳମାଧବ ମହପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସମନ୍ୱୟ ମେଳାରେ ବ୍ୟାଙ୍କ ଅଧିକାରୀମାନେ।

# ବିଚାରପତିଙ୍କୁ ଫେରାଇଦେଲେ ଆଇନଜୀବୀ

**ବାଲେଶ୍ୱର ଅଫିସ,୨୯।୧୦**

ବାଲେଶ୍ୱର ଓକିଲ ସଂଘ ପକ୍ଷରୁ ସୋମବାର ପୂର୍ବାହ୍ନ ୮ଟା ବେଳେ ବାଲେଶ୍ୱର କୋର୍ଟର ସମସ୍ତ ବିଚାରପତି, କର୍ମଚାରୀମାନଙ୍କୁ କୋର୍ଟ ପରିସରକୁ ପ୍ରବେଶ କରିବାକୁ ନ ଦେଇ ଶାନ୍ତିଶୃଙ୍ଖଳାରେ ଅନୁରୋଧ ପ୍ରକ୍ରିୟାରେ ଫେରାଇ ଦେଇଥିଲେ।

ଗତ ଅଗଷ୍ଟ ୨୭ତାରିଖରେ କଟକ ବସ୍‌ଷ୍ଟାଣ୍ଡ ନିକଟ ଚାଉଳିଆଗଞ୍ଜ ଥାନାର ୨ଜଣ କନଷ୍ଟେବଲ ଓ ଜଣେ ଏଏସ୍‌ଆଇ ଆଇନଜୀବୀ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ମାଡ଼ ମାରିଥିବା ଘଟଣାରେ ଓଡ଼ିଶା ବାର୍ ଆସୋସିଏଶନ୍ ପକ୍ଷରୁ କାର୍ଯ୍ୟବନ୍ଦ ଡାକରା ଦିଆଯାଇଛି। ଗତ ଅଗଷ୍ଟ ୩୦ ତାରିଖ ଠାରୁ ରାଜ୍ୟରେ ସମସ୍ତ କୋର୍ଟ ଓକିଲମାନେ ବର୍ଜନ କରିଥିବା ସ୍ଥଳେ ମଙ୍ଗଳବାରଠାରୁ କୋର୍ଟ ବନ୍ଦ କରିବା କାର୍ଯ୍ୟକ୍ରମ ସଂଘ ତରଫରୁ ହାତକୁ ନିଆଯାଇଛି। ଏନେଇ ବାଲେଶ୍ୱର ବାର୍ ଆସୋସିଏଶନ ବିଚାର ବିଭାଗର ସମସ୍ତ ଅଫିସ୍ ବନ୍ଦ କରିବା ସହ ବିଭିନ୍ନ ସମୟରେ ବିଭିନ୍ନ ସରକାରୀ ଅଧିକାରୀଙ୍କ ଅଫିସ୍ ବନ୍ଦ କରିବା ଭଳି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଜନସାଧାରଣଙ୍କ ସୁବିଧା ନିମନ୍ତେ କୋର୍ଟରେ ୨୯ ତାରିଖଠାରୁ କାର୍ଯ୍ୟରେ ଯୋଗଦାନ ପାଇଁ ବିଜୁ ଜନତା ଦଳ ଲିଗାଲ ସେଲ୍ ମାଧ୍ୟମରେ ସ୍ଥିର କରାଯାଇଥିଲା। ଫଳରେ ରାଜ୍ୟ ଓକିଲ ସଂଘକୁ ଧକ୍କା ଲାଗିଥିଲା। ସଂଘ ପକ୍ଷରୁ କୌଣସି ଲୋକଙ୍କୁ କୋର୍ଟ ପରିସରକୁ ନ ଯିବା ପାଇଁ ଫାଟକରେ ତାଲା ପକାଯିବା ସହ ପିକେଟିଂ କରିବା ଏବଂ ଫାଟକ ଆଗରେ ନିଆଁ ଜଳାଇ ପ୍ରତିବାଦ କରିବା ଭଳି ଆନ୍ଦୋଳନାତ୍ମକ ରୂପ ଗ୍ରହଣ କରିଥିଲେ। ପୋଲିସ ପହଞ୍ଚି କୋର୍ଟ ଫାଟକରେ ପଡ଼ିଥିବା ତାଲାକୁ ଖୋଲିବା ସହ ଉତ୍ତେଜନା ପରିସ୍ଥିତିକୁ ନିୟନ୍ତ୍ରଣ କରିଛନ୍ତି। ଅନ୍ୟପକ୍ଷରେ ବାଲେଶ୍ୱର ବାର ଆସୋସିଏଶନ ଏକ ବୈଠକ ଅପରାହ୍ନରେ ସମ୍ବିତ୍ ନନ୍ଦୀଙ୍କ ଅଧକ୍ଷତାରେ କଚେରି ପରିସର ୨ନଂ. ହଲ୍‌ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୋମବାର ଭଳି ମଙ୍ଗଳବାର ମଧ୍ୟ ଆନ୍ଦୋଳନ ଜାରି ରହିବା ସହ ଭେଣ୍ଡର, ଟାଇପିଷ୍ଟ, ନୋଟାରୀ, ମୋହରିର ସିରସ୍ତା ବନ୍ଦ କରାଯିବା ସହ ପରବର୍ତ୍ତୀ ବୈଠକ ଲାଗି ବୁଧବାର କାର୍ଯ୍ୟକ୍ରମ ସ୍ଥିର କରାଯିବ ବୋଲି ନନ୍ଦୀ ପ୍ରକାଶ କରିଛନ୍ତି।



ଆଇନଜୀବୀଙ୍କ ଦ୍ୱାରା ଅଦାଲତ ଫାଟକ ଆଗରେ ନିଆଁ ଜଳାଇ ପ୍ରତିବାଦ କରାଯାଉଛି।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ଅକ୍ଟୋବର ୩୦/୨୦୧୮ Balasore, Tuesday, October 30/ 2018

## ସଂକ୍ଷେପରେ

### ଏକସଙ୍ଗେ ୩ ଭାଲୁଙ୍କ ଆକ୍ରମଣ: ଜଣେ ଆହତ

**ନୀଳଗିରି, ୨୯।୧୦(ଡି.ଏନ.ଏ.):** ନୀଳଗିରି ବନାଞ୍ଚଳ ଅଧିନ ହାତିଆଶିଳା ଗାଁର ସୋମବାର ଭାଲୁ ଆକ୍ରମଣରେ ଜଣେ ଆହତ ହୋଇ ସ୍ଥାନୀୟ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେ ହେଲେ ଶିବ ପ୍ରସାଦ ସିଂ (୫୨)। ପ୍ରତ୍ୟୁଷରେ ଶିବ ଶୌଚ ପାଇଁ ଘର ନିକଟ ପଡିଆକୁ ଯାଇଥିବା ବେଳେ ୩ଟି ଭାଲୁ ଏକ ସଙ୍ଗେ ଆକ୍ରମଣ କରିଥିଲେ। ଶିବଙ୍କ ଚିତ୍କାର ଶୁଣି ଗାଁ ଲୋକ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଭାଲୁଗୁଡିକ ମିତ୍ରପୁର ସଂରକ୍ଷଣ ଜଙ୍ଗଲକୁ ପଳାଇ ଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ଦାଦାବଟି ଆଦାୟ ଅଭିଯୋଗରେ କଂଗ୍ରେସ ଯୁବନେତା ଗିରଫ

**ବାଲେଶ୍ୱର ଅଫିସ, ୨୯।୧୦:** ବାଲେଶ୍ୱର ସହର ଅଡ଼ରବଜାର ଅଞ୍ଚଳର ବିଭିନ୍ନ ଦୋକାନ ଏବଂ ବ୍ୟବସାୟୀଙ୍କୁ ଦାଦାବଟି ଆଦାୟ ଅଭିଯୋଗରେ ସହଦେବଖୁଣ୍ଟା ଥାନା ଅଧିକାରୀ ଜୟନ୍ତ ବେହେରା ଅଖିଳ ଭାରତୀୟ କଂଗ୍ରେସ କମିଟି ସଂଖ୍ୟାଲଘୁ କାର୍ଯ୍ୟକାରୀ ସଭାପତି ଏମ୍.ଡ଼ି. ୱାହିଦଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଥାନାରେ ମାମଲା (ନଂ. ୨୯୫/୧୮) ରୁଜୁ ହୋଇଥିଲା। ପୂର୍ବରୁ ସହଦେବଖୁଣ୍ଟା ଥାନାରେ ତାଙ୍କ ନାମରେ ମାମଲା (ନଂ. ୧୮୦/୧୬, ୨୨୫/୧୬, ୨୭୩/୧୬, ୨୮/୧୮) ରୁଜୁ ହୋଇଥିବା ବେଳେ ଟାଉନ୍ ଥାନାରେ ମଧ କେତେକ ମାମଲା ଥିବା ଥାନାଧିକାରୀ ପ୍ରକାଶ କରିଛନ୍ତି।

### ଏଚ୍‌ଆଇଭି ଆକ୍ରାନ୍ତ ମହିଳାଙ୍କ ସନ୍ତାନ ପ୍ରସବ

# ଭୟଭୀତ ନ ହେବା ଲାଗି ଚିକିତ୍ସାଧିକାରୀଙ୍କ ନିବେଦନ

**ଭୋଗରାଇ,୨୯।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଏଚ୍‌ଆଇଭି ଆକ୍ରାନ୍ତ ମହିଳା ଶନିବାର ଏକ ସନ୍ତାନ ଜନ୍ମ ଦେଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସମ୍ପୃକ୍ତ ମହିଳାଙ୍କୁ ଅଧିକ ଚିକିତ୍ସା ଲାଗି ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏହି ଘଟଣାକୁ ନେଇ ଉପୁଜିଥିବା ସନ୍ଦେହକୁ ନେଇ କେହି ଭୟଭୀତ ନ ହେବା ଲାଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧିକାରୀ ଡା. ଶୁଭେନ୍ଦୁ କୁମାର ମହାନ୍ତି ସୋମବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ ଡାକି କହିଛନ୍ତି। ଏହି ପ୍ରସବ ବେଳେ ବ୍ୟବହୃତ ସାମଗ୍ରୀକୁ ଶୋଧନ କରାଯିବା ସହ ସୁରକ୍ଷିତ ରଖାଯାଇଛି। କୌଣସି ଗୁଜବ କିମ୍ବା ମିଥ୍ୟା ପ୍ରଚାରରେ ବିଶ୍ୱାସ ନ କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ପରାମର୍ଶ ନେବାକୁ ମହାନ୍ତି ନିବେଦନ କରିଛନ୍ତି। ସମ୍ପୃକ୍ତ ମହିଳା ଏବଂ ତାଙ୍କ ସ୍ୱାମୀଙ୍କୁ ମାନସିକ ଆଘାତ ନ ଦେବାକୁ ମଧ ସେ ଅନୁରୋଧ କରିଛନ୍ତି। ଭୋଗରାଇ ଅଞ୍ଚଳରେ ୨୦୧୩ ମସିହାରୁ ଏ ପର୍ଯ୍ୟନ୍ତ ୩୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଏଚ୍‌ଆଇଭିରେ ଆକ୍ରାନ୍ତ ଥିବା ସୂଚନା ମିଳିଛି।



ଖବରଦାତା ସମ୍ମିଳନୀରେ ଚିକିତ୍ସାଧିକାରୀ ଓ ଅନ୍ୟମାନେ।

### ବେଆଇନ ବାଣ ତିଆରି ଅଭିଯୋଗରେ ଜଣେ ଗିରଫ

# ୭ କେଜି ବାରୁଦ ଜବତ

**ବାଲିଆପାଳ, ୨୯।୧୦(ଡି.ଏନ.ଏ.)**

ଦୀପାବଳୀ ଓ କାଳିପୂଜା ଅବସରରେ ବାଲିଆପାଳ ଅଞ୍ଚଳରେ ବେଆଇନ ବାଣ ତିଆରି ଉପରେ ପୋଲିସ ରୋକ ଲଗାଇଛି। ରବିବାର ରାତିରେ ବେଆଇନ ବାଣ ତିଆରି କରୁଥିବା ପାକମୁଣ୍ଡି ଗ୍ରାମର ବୃନ୍ଦାବନ କରଙ୍କ ପୁଅ ଗଣେଶ କର(୩୪)ଙ୍କୁ ଗିରଫ କରିବା ସହିତ ଏକ ମାମଲା (ନଂ.୨୯୨/୧୮) ରୁଜୁ କରିଛି।

ଗଣେଶ ଗତ ୬/୭ ବର୍ଷ ଧରି ଛଡାଗ୍ରାମର ବାଣ ତିଆରି କରୁଥିବା ନରେନ୍ଦ୍ର ଘଡାଇ ଏବଂ ଗୌରମୋହନ ସାମଲଙ୍କ ଘରେ ରହି ବାଣ ତିଆରି କରୁଥିଲେ। ଗତବର୍ଷ ଏହି ଦୀପାବଳୀ ସମୟରେ ନରେନ୍ଦ୍ର ଘଡାଇଙ୍କ ଘରେ ତିଆରି ହୋଇ ରହିଥିବା ବାଣର ବିସ୍ଫୋରଣ ଘଟିବାରୁ ଦୁଇ ଜଣଙ୍କର ମୃତ୍ୟୁ ହେବା ସହିତ ଜଣେ ଗୁରୁତର ଆହତ ହୋଇଥିଲେ। ଏହାପରେ ଗଣେଶ ସେଠାରୁ ଚାଲିଆସି ନିଜ ଘର ପାକମୁଣ୍ଡିରେ ରହି ବାଣ ତିଆରି କାର୍ଯ୍ୟକ୍ରମ କରୁଥିଲେ। କୌଣସି ସୂତ୍ରରୁ ଖବର ପାଇ ବାଲିଆପାଳ ଆଇଆଇସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟଙ୍କ ନେତୃତ୍ୱରେ ପୋଲିସ ଏକ ଟିମ୍ ରବିବାର ରାତିରେ ଗଣେଶଙ୍କ ଘରେ ଚଢାଉ କରି ତାଙ୍କୁ ଗିରଫ କରିବା ସହିତ ୭ କେଜି ବାରୁଦ ଏବଂ ଅଧାପ୍ରସ୍ତୁତ ହୋଇଥିବା କିଛି ବାଣ ସାମଗ୍ରୀ ଜବତ କରିଥିଲେ। ବାଲିଆପାଳ ଅଞ୍ଚଳରେ ଏହି ଭଳି ବହୁ ସ୍ଥାନରେ ବେଆଇନ ଚୋରା ବାଣ ତିଆରି ହେଉଥିବା ଅଭିଯୋଗ ହେଉଛି। ଅଭିଯୋଗ ନଜରକୁ ଆସିଲେ ତୁରନ୍ତ ଚଢାଉ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଆଇସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟ କହିଛନ୍ତି।

## ବୃଦ୍ଧଙ୍କ ବ୍ୟାଗ୍ ଗାଏବ

**ଔପଦା, ୨୯।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ରାଏରାମଚନ୍ଦ୍ରପୁର ପଞ୍ଚାୟତ ପଲିଆ ଗ୍ରାମର ଗୋବିନ୍ଦ ଚନ୍ଦ୍ର ନାଏକ (୬୫) ତୀର୍ଥ ସାରି ସୋର ଓହ୍ଲାଇ ଅଟୋ ଯୋଗେ ଔପଦା ଆସୁଥିଲେ। ଅଟୋରେ ତାଙ୍କ ବ୍ୟାଗ ଗାଏବ ହୋଇଯିବା ପରେ ସେ ଭାଙ୍ଗି ପଡିଛନ୍ତି। ବ୍ୟାଗ୍‌ରେ ତାଙ୍କର ମୋବାଇଲ ସହ ଅନ୍ୟ କେତେକ ମୂଲ୍ୟବାନ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଥିଲା। ବୃଦ୍ଧ ଜଣକ ଅଟୋରୁ ଓହ୍ଲାଇବା ବେଳେ ଔପଦାରେ ବ୍ୟାଗ୍ ନ ପାଇ ବିଚଳିତ ହୋଇ ପଡ଼ିଥିଲେ। ଏଣୁ କେତେକ ସହୃଦୟ ବ୍ୟକ୍ତି ତାଙ୍କୁ ଆଶ୍ୱାସନା ଦେଇ ତାଙ୍କ ଜାମାତା ବୁଦ୍ଧିରାମ ବେହେରାଙ୍କୁ ଖବର ଦେଇଥିଲେ।

## ହାତୀପଲ ଉଜାଡ଼ିଲେ ଧାନ ଫସଲ

**ତେଲକୋଇ, ୨୯।୧୦(ଡି.ଏନ.ଏ.):** ତେଲକୋଇ ମୁଖ୍ୟାଳୟ ସମେତ ହାଲପୋଡ, ଜଟ ଗ୍ରାମରେ ରବିବାର ୧୨ରୁ ଉର୍ଦ୍ଧ୍ୱ ହାତୀ ଚାଷୀଙ୍କ ଧାନ କ୍ଷେତକୁ ଉଜାଡି ଦେଇଛନ୍ତି। ଏ ନେଇ ତୁରନ୍ତ କ୍ଷତି ପୂରଣ ଦେବାକୁ ବନାଞ୍ଚଳ ଅଧିକାରୀଙ୍କୁ ଚାଷୀ ଦାବି କରିଛନ୍ତି। ଧାନକ୍ଷେତ ପାଚିବା ଅବସ୍ଥାରେ ହାତୀପଲ କ୍ଷେତକୁ ଉଜାଡୁଥିବା ବେଳେ ବନ ବିଭାଗ ଏଥିପ୍ରତି ଦୃଷ୍ଟ ଦେଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ